ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.227 Bhubaneswar Saturday October 29 2022 | ୨୫ତମ ବର୍ଷ ସଂଖ୍ୟା–୨୨୭ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଚର୍ଚ୍ଚାରେ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ଯୁଗଳବନ୍ଦୀ ଫଟୋ



ଭୁବନେଶ୍ୱର, ୨୮।୧୦(ପି.ଏନ): ଏବେ ଚର୍ଚ୍ଚା ଗୋଟିଏ ଫଟୋ। ତେବେ ଫଟୋରେ ଥିବା ଯାଗା କେଉଁଠି, ଅବସର କ'ଣ ? କେଉଁ ପରିସ୍ଥିତିରେ ଗୋଟିଏ ରୁଦ୍ଧଦ୍ୱାର ଘରେ ବସିଛନ୍ତି ଓଡିଶା ନ୍ୟାୟପାଳିକା ମୁଖ୍ୟ ଓ କାର୍ଯ୍ୟପାଳିକାର କଥାକଥିତ ମୁଖ୍ୟ ସୋଶାଲ ମିଡିଆରେ ପୋଷ୍ଟ ହୋଇଥିବା ସେହି ଫଟୋକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଗୁରୁବାର ନିଜ ଫେସବୁକ ପେଜ୍ ?ରେ ସେହି ଫଟୋ ପୋଷ୍ଟ କରିଛନ୍ତି ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାନ୍ତି। ସେ ଖାଲି ପୋଷ୍ଟ କରିନାହାନ୍ତି, ବରଂ ବିଚାରପତିମାନଙ୍କ ଆଚରଣ ସଂହିତା ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି। ଏପଟେ ଏ ଚର୍ଚ୍ଚିତ ଫଟୋକୁ ନେଇ ରାଜ୍ୟରେ ନ୍ୟାୟପାଳିକାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବହୁ ବୁଦ୍ଧୀଜୀବୀ। କିଏ ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତ ଦେଇଥିବା ବେଳେ ଆଉ କିଏ ଖୋଲାଖୋଲି ଦୁର୍ନୀତି ବୋଲି ଲେଖିଛନ୍ତି। ଆଉ କିଏ ନ୍ୟାୟପାଳିକାର ଅଧୋଗତି ବୋଲି କହିଥିବା ବେଳେ କିଏ ଗଣତନ୍ତ୍ରର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛନ୍ତି। ସୋଶାଲ୍ ମିଡିଆରେ ପୋଷ୍ଟ ହୋଇଥିବା ଫଟୋରେ ୩ ଜଣଙ୍କୁ ସାମ୍ନା ପଟୁ ଚିହ୍ନି ହେଉଥିବା ବେଳେ ଆଉ ଦୁଇ ଜଣ କିଏ, ତାହା ସ୍ପଷ୍ଟ ହୋଇନି। ତେବେ ଏହାକୁ ନେଇ ବିଭିନ୍ନ ଆକଳନ କରାଯାଉଛି। ତେବେ ଫଟୋର ସ୍ଥାନ ସମ୍ପର୍କରେ କେହି କିଛି ମନ୍ତବ୍ୟ ରଖିନଥିଲେ ମଧ ରାଜ୍ୟ ନ୍ୟାୟପାଳିକା ମୁଖଙ୍କ ସହ ଏ ରୁଦ୍ଧଦ୍ୱାର ବୈଠକକୁ ନେଇ ଆହୁରି ଅନେକ ନକରାତ୍ମକ ମତ ମନ୍ତବ୍ୟ ଆସିଛି।

## ୧୩ ବରିଷ୍ଠ ଓଏଏସ୍ ହେଲେ ଆଇଏଏସ୍

ଭୁବନେଶ୍ୱର, ୨୮।୧୦(ପି.ଏନ) : ରାଜ୍ୟ ସରକାରଙ୍କ ସୁପାରିସକ୍ରମେ ୧୩ ବରିଷ୍ଠ ଓଏଏସଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)କୁ ପଦୋନ୍ନତି ମିଳିଛି। ସେଥି ମଧ୍ୟରେ ୨ ଜଣ ଜିଲ୍ଲାପାଳ ଦାୟିତ୍ୱରେ ଥିବାବେଳେ ଅନ୍ୟ ୧୧ ଜଣ ଅଧିକାରୀ ସରକାରଙ୍କ ବିଭିନ୍ନ ଗୁରୁ ଦାୟିତ୍ୱରେ ଅବସ୍ଥାପିତ ଅଛନ୍ତି। ଗୁରୁବାର ସାଧାରାଣ ପ୍ରଶାସନ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଆଇଏଏସ୍‌କୁ ପଦୋନ୍ନତି ପାଇଥିବା ଅଧିକାରୀଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସଚିବ ତୁଷାରକାନ୍ତ ମହାନ୍ତି, ଝାରସୁଗୁଡ଼ା ଜିଲ୍ଲାପାଳ ସରୋଜ କୁମାର ସାମଲ୍, ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ କୁମାର ମହାନ୍ତି–୨ ଢେଙ୍କାନାଳ ଜିଲ୍ଲାପାଳ ସରୋଜ କୁମାର ସେଠୀ, ଖଣିବିଭାଗ ସ୍ୱତନ୍ତ୍ର ସଚିବ ଅବନୀକାନ୍ତ ପଟ୍ଟନାୟକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ରହିଛନ୍ତି। ଏହା ସହିତ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ରାଜଶ୍ରୀ ମହାନ୍ତି, ପଣ୍ୟାଗାର ନିଗମ ପରିଚାଳନା ନିର୍ଦ୍ଦେଶକ ଡ. ଗଣେଶ୍ୱର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ଦେବେନ କୁମାର ପ୍ରଧାନ, ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ତ୍ରିଲୋଚନ ମାଝି ଖାଦ୍ୟ ଯୋଗାଣ ବିଭାଗ ସ୍ୱତନ୍ତ୍ର ସଚିବ ଶକୁନ୍ତଳା ବିନ୍ଧାଣି, ଓଏସଟି ଏସସିଡ଼ିଏଫସିସି ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପ୍ୟାରୀଲାଲ ପ୍ରଧାନ ଓ ଇଡକେ ସିଜିଏମ ବିଜୟ କୁମାର ଦାଶ ପ୍ରମୁଖ ଅନ୍ତର୍ଭୁକ୍ତ ।

## ଧାମନଗର ଉପନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ବିଶାଳ ପଦଯାତ୍ରା ଓ ଶୋଭାଯାତ୍ରା, ମାତୃଶକ୍ତି ଓ ଯୁବଶକ୍ତି ବିଜେପିକୁ ବିଜୟୀ କରିବ : ଧର୍ମେନ୍ଦ୍ର ପ୍ରଧାନ

ଭଦ୍ରକ, ୨୮।୧୦(ପି.ଏନ): ଧାମନଗରରେ ମାତୃଶକ୍ତି ଓ ଯୁବଶକ୍ତି ଆମ ଦଳ ବିଜେପିକୁ ବିଜୟୀ କରିବ। ଏହି ଉପନିର୍ବାଚନରେ ଜନଆସ୍ଥା ଦ୍ୱାରା ବିଜେପିର ବଡ ବିଜୟ ହେବ ବୋଲି ଆଜି ଧାମନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜଙ୍କ ପାଇଁ ବିଶାଳ ପଦଯାତ୍ରା ଓ ଶୋଭାଯାତ୍ରା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଧାମାନଗର ନିର୍ବାଚନ ମଣ୍ଡଳୀର ଦୋବଲ ବଜାରରୁ ପ୍ରଥମେ ପଦଯାତ୍ରା ଆରମ୍ଭ କରିଥିଲେ। ପରେ ଧାମନଗର ଏନଏସିର ମେଡିକାଲ ବଜାର, କୋଠାର ଗ୍ରାମ ପ ।ୟତର କୋଠାର ଛକ, ଅସୁରାଳି ଓ ସହୀଦ ନଗରର ନିର୍ବାଚନୀ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀ ସୁରଜଙ୍କୁ ଭୋଟ୍ ଦେବା ପାଇଁ ନାଗରିକଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ସ୍ୱାଭିମାନୀ ଧାମନଗର ଜନତାଙ୍କ ବିଜେପି ପ୍ରତି ଆସ୍ଥା ଅବର୍ଣ୍ଣନୀୟ। ଧାମନଗରର କୋଣ ଅନୁକୋଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଜନତାଙ୍କ ଆସ୍ଥା ବଢ଼ିଛି। ଆଜିର ପଦଯାତ୍ରାରେ ଦିବଂଗତ ବିଷ୍ଣୁ ସେଠୀ, ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ଓ ବରିଷ୍ଠ ନେତା ମନମୋହନ ସାମଲଙ୍କ ପ୍ରତି ଥିବା ଶ୍ରଦ୍ଧା ପ୍ରତିଫଳିତ ହୋଇଛି। ବିଶେଷ ଭାବରେ ମାଆ ମାନେ ରାସ୍ତାକୁ ଆସି ଦଳ ପ୍ରତି ଆସ୍ଥା ପ୍ରକଟ କରିଥିବାବେଳେ ଯୁବଶକ୍ତି ସହଯୋଗୀ ହୋଇଛନ୍ତି। ସ୍ୱର୍ଗତଃ ବିଷ୍ଣୁ ଭାଇ ଏ ଅଂଚଳର ଦରଦୀ, ପରିଶ୍ରମୀ ଓ ପାରଦର୍ଶୀ ନେତା ଥିଲେ। ତାଙ୍କର ଲୋକପ୍ରିୟତା ଓ ବିଜେପି ପ୍ରତି ଥିବା ଧାମନଗରବାସୀଙ୍କ ବିଶ୍ୱାସ ଆଗରେ ଶାସକ ଦଳର ଅପପ୍ରଚାର କାମ ଦେବ ନାହିଁ। ଧାମନଗରର ଜନତା ପୁନର୍ବାର ଭାରତୀୟ ଜନତା ପାର୍ଟିକୁ ଜିତାଇବେ ଓ ମୋଦି ସରକାରଙ୍କ ବିକାଶରେ ଭାଗିଦାରୀ ହେବେ। ରାଜ୍ୟରେ ଦୀର୍ଘ ୨୨ ବର୍ଷ ଶାସନରେ ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଓ ଲୋକମାନଙ୍କ ପାଇଁ ଅନେକ ମୌଳିକ ସୁବିଧା ନାହିଁ। ଧାମନଗରର ଲୋକମାନେ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ ଶାସକ ଦଳ ପ୍ରତି ଆଉ ଜନ ସମର୍ଥନ ନାହିଁ। ଏଥିପାଇଁ ବିଭିନ୍ନ ଅପପ୍ରଚାର କରାଯାଇ ନିର୍ବାଚନକୁ ପ୍ରଭାବିତ କରିବାର ଅପଚେଷ୍ଟା କରାଯାଉଛି। ପ୍ରଜାତନ୍ତ୍ରରେ ଅହଙ୍କାର କରିବା ଠିକ୍ ନୁହେଁ। ଦୁର୍ଯ୍ୟୋଧନ ଓ ରାବଣର ଅହଙ୍କାରକୁ ବାନର ସେନା ପରାଜିତ କରିଥିଲେ। ମାଆ ଓ ଯୁବ ଭୋଟରମାନେ ବିଜେପିକୁ ଭୋଟ୍ ଦେଇ ଶାସକ ଦଳର ଅହଙ୍କାର ଭାଙ୍ଗିବେ। ଜନଆସ୍ଥା ଦ୍ୱାରା ଏଡି ଉପନିର୍ବାଚନରେ ବିଜେପିର ବଡ ବିଜୟୀ ହେବ। ଅତୀତରେ ସ୍ୱାଧୀନତା ସଂଗ୍ରାମର ପବିତ୍ର କ୍ଷେତ୍ର ଧାମନଗର ପୁନର୍ବାର ଏକବିଂଶ ଶତାବ୍ଦୀରେ ନୂଆ ଇତିହାସ ରଚିବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଶ୍ରୀ ପ୍ରଧାନ ଧାମନଗର ଏନଏସି ସ୍ଥିତ ମହତାବ ସେବା ସଦନ ପରିସରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବ ଏବଂ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ସାଗର ଭୂୟାଁ ଶିଶୁ ଉଦ୍ୟାନ' ପ୍ରାଙ୍ଗଣରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାଗର ଭୂୟାଁଙ୍କ ପବିତ୍ର ସ୍ମୃତି ପୀଠ ଓ ଶହୀଦ ନଗରସ୍ଥିତ ଲୁଣିଆ ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଧାମନଗର ଯିବାବେଳେ କେନ୍ଦ୍ରମନ୍ତ୍ରୀଙ୍କୁ ଚଣ୍ଡିଖୋଳ, ଧର୍ମଶାଳା, କୁଆଖିଆ, ପାଣିକୋଇଲି, ଧାମନଗର ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ନାଗରିକଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସନ୍ତାକାଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ତିହିଡି ବ୍ଲକ୍‌ର ପାଳିଆ ବଜାର, ଗୁଆମାଳ ଓ ବୋଡକ ଠାରେ ପଦଯାତ୍ରା ମାଧ୍ୟମରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

## ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ

ଭୁବନେଶ୍ୱର, ୨୮।୧୦ (ପି.ଏନ): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଆରଡବ୍ଲୁଏସଏସ ସର୍କଲ ଅଫିସ ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନିହାର ରଞ୍ଜନ ଦାସଙ୍କ ଭୁବନେଶ୍ୱର ଖାରବେଳନଗର ସ୍ଥିତ ଘର ସମେତ ୬ଟି ସ୍ଥାନରେ ଆଜି ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି । ସମ୍ବଲପୁର ମୋଦିପଡା ସ୍ଥିତ ତିନି ମହଲା କୋଠା, ବରଗଡ଼ରେ ପୈତୃକ ଘର ଏବଂ ଖୋର୍ଦ୍ଧାରେ ଏହି ଚଢ଼ଉ ଜାରୀ ରହିଛି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ଏହି ଚଢ଼ଉରେ ୫ ଜଣ ଡିଏସପି, ୧୨ ଜଣ ଇନ୍ସପେକ୍ଟର, ୧୧ଜଣ ଏଏସଆଇ ସାମିଲ୍ ଅଛନ୍ତି।

## ଧଉଳି ଶାନ୍ତି ସ୍ତୁପର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ

### ଶାନ୍ତିର କୌଣସି ବିକଳ୍ପ ନାହିଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦(ପି.ଏନ): ଶାନ୍ତିର କୌଣସି ବିକଳ୍ପ ନାହିଁ। ସମସ୍ତ ଯୁଗରେ ଶାନ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏକ ସୁନ୍ଦର ବିଶ୍ୱ ଗଢି ତୋଳିବାକୁ ଶାନ୍ତି ହିଁ ଏକମାତ୍ର ବିକଳ୍ପ । ଧଉଳି ଶାନ୍ତି ସ୍ତୁପର ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ବୌଦ୍ଧ ସନ୍ୟାସୀ ମାନେ ଭାଗ ନେବାକୁ ଧଉଳି ପହଂଚିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହ୍ୱାନ କରିଛନ୍ତି ଯେ – ଆସନ୍ତୁ ସମସ୍ତେ ମିଶି ଶାନ୍ତିର ବାର୍ତାକୁ ପ୍ରଚାର କରିବା ଓ ବିଶ୍ୱକୁ ଆଗାମୀ ପୀଢି ପାଇଁ ଏକ ସୁରକ୍ଷିତ ସ୍ଥାନ ଭାବେ ତିଆରି କରିବା।ସେ କହିଛନ୍ତି ଯେ ଓଡିଶାର ଇତିହାସ ଧଉଳି ଓ କଳିଙ୍ଗ ଯୁଦ୍ଧରୁ ଆରମ୍ଭ ହୁଏ। ଏହି ଯୁଦ୍ଧରେ ଭୀଷଣ ରକ୍ତପାତ ହୋଇଥିଲା । ଏହା ସତ୍ତ୍ୱେ ଧଉଳି ମାନବିକତାର ନୈତିକ ବିଜୟର ଗୀତ ଗାଉଛି । ଏହା ହେଉଛି ସେହି ସ୍ଥାନ ଯେଉଁ ଠାରେ ଅଶୋକ ବୁଝି ପାରିଥିଲେ ଯେ ଯୁଦ୍ଧ, ରକ୍ତପାତରୁ କିଛି ମିଳେ ନାହିଁ । ସେ ବୌଦ୍ଧ ମତ ଗ୍ରହଣ କରିଥିଲେ। ଧଉଳି ବିଶ୍ୱର ଇତିହାସକୁ ବଦଳାଇ ଦେଇଥିଲା ଓ ବୈଶ୍ୱିକ ଶାନ୍ତିର ବାର୍ତା ପ୍ରଦାନ କରିଥିଲା ।

## ନକଲି ଫେସବୁକ୍ ଆକାଉଂଟ କରି ମହିଳାଙ୍କୁ ହଇରାଣ କରୁଥିବା ଯୁବକକୁ ସାଇବର ପୁଲିସ ଧରିଲା

ବଲାଙ୍ଗିର, ୨୮।୧୦(ପି.ଏନ): ନକଲି ଫେସ୍ବୁକ ଆକାଉଂଟ ଖୋଲି ଜଣେ ମହିଳାଙ୍କୁ ଜଣେ ଯୁବକ ହଇରାଣ କରୁଥିବା ବେଳେ ଆଜି ସଂପୃକ୍ତ ଯୁବକ ଜଣକୁ ବଲାଙ୍ଗିର ସାଇବର ପୋଲିସ ଗିରଫ କରିଥିବା ନେଇ ଏସପି ନିତିନ କୁଶଲକର ସୂଚନା ଦେଇଛନ୍ତି ।ସୂଚନା ଅନୁସାରେ, ସଂପୃକ୍ତ ଯୁବକ ଜଣକ ନକଲି ଫେସ୍ବୁକ ଆକାଉଂଟ ଖୋଲି ଅଭିଯୋଗକାରୀ ମହିଳାଙ୍କୁ କ୍ରମାଗତ ଭାବରେ ହଇରାଣ କରିବା ସହ ମେସେଞ୍ଜର ମାଧ୍ୟମରେ ଅଶ୍ଳୀଳ ମନ୍ତବ୍ୟ ଏବଂ ଫଟୋ ପଠାଉଥିଲା । ଫଳରେ ମହିଳା ଜଣକ ପୋଲିସର ଦ୍ୱାରସ୍ଥ ହେବା ପରେ ସାଇବର ପୋଲିସ ତଦନ୍ତ କରି ସଂପୃକ୍ତ ଯୁବକ ଜଣକୁ ଗିରଫ କରିବା ସହ ବ୍ୟବହୃତ ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି । ଗିରଫ ଯୁବକ ଜଣକର ନାମ ସରୋଜ କୁମାର ସାହୁ ବୋଲି ଏସପି ସୂଚନା ଦେଇଛନ୍ତି ।

## ୧.୭୫ କୋଟିର କ୍ରିପ୍ଟୋ କରେନ୍ସି ସମେତ ୪ କୋଟିର ମାଲିକ ଯନ୍ତ୍ରୀ



ଭୁବନେଶ୍ୱର / ସମ୍ବଲପୁର, ୨୮।୧୦(ପି.ଏନ): ଭିଜିଲାନ୍ସ ଜାଲରେ ଆଉ ଜଣେ କୋଟିପତି ଯନ୍ତ୍ରୀ। କଳାଟଙ୍କା ଅର୍ଜନ ପରେ ଗଳାବାଟ ବାଛିବାର ନୂଆ ଫଣ୍ଡା। ଡିଜିଟାଲ୍ କରେନ୍ସି ତଥା କ୍ରିପ୍ଟୋ କରେନ୍ସିରେ ବିନିଯୋଗ ହେଉଥିଲା ପାପ ଅର୍ଜିତ ଟଙ୍କା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଫସିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଂଜନ ଦାସଙ୍କ ଘରୁ ଠାବ ହୋଇଛି ବିପୁଳ ପରିମାଣର କ୍ରିପ୍ଟୋ କରେନ୍ସି। ତାଙ୍କ ଘର ରେଡ୍ ବେଳେ ୧.୭୫ କୋଟିର କ୍ରିପ୍ଟୋ କରେନ୍ସି ଠାବ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି। କ୍ରିପ୍ଟୋ କାରବାର ପ୍ରମାଣ ନଷ୍ଟ କରିବାକୁ ସେ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଛନ୍ତି। ଭିଜିଲାନ୍ସ ରେଡ୍ ? ବେଳେ ସେ ଏ ବାବଦରେ ପ୍ରମାଣ ଥିବା ୩୮ଟି ଡକ୍ୟୁମେଣ୍ଟ ଏବଂ ମୋବାଇଲକୁ ଫିଙ୍ଗିଦେଇଥିଲେ। ତେବେ ସେସବୁକୁ ଜବତ କରିଥିଲା ଭିଜିଲାନ୍ସ। ଏହା ଭିତରୁ ଖୋଲୁଛି ଗୁମର।ଇତି ମଧ୍ୟରେ ମିଳିଲାଣି ସେ ଠୁଳ କରିଥିବା ମାଳ ମାଳ କୋଠାବାଡ଼ି, ଯାନବାହନ ସହ ବିପୁଳ ଗହଣା ଗାଣ୍ଠି। ତାଙ୍କର ମୋଟ ସାଢେ ୪ କୋଟିର ସଂପତ୍ତି ଠାବ ହୋଇଛି। ଏପରିକି ୨୫ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ବି ମିଳିଛି। କେବଳ ସେତିକି ନୁହେଁ, ଖାରବେଳନଗର ସ୍ଥିତ ଶ୍ରୀରାମ ମାନିସନ୍ ଆପାର୍ଟମେଣ୍ଟରେ ଗୋଟିଏ ଥ୍ରୀ-ବିଏଚ୍‌କେ ଫ୍ଲାଟ(ଯାହାର ମୂଲ୍ୟ ପ୍ରାୟ ୩୨ ଲକ୍ଷ ଟଙ୍କା ହେବ), ସମ୍ବଲପୁର ମୋଦିପଡ଼ାରେ ଗୋଟିଏ ଦୁଇ ମହଲା କୋଠା, ସମ୍ବଲପୁରର ବିଭିନ୍ନ ସ୍ଥାନରେ ୮ଟି ପ୍ଲଟ, ୧୦ ଲକ୍ଷ ଟଙ୍କା ମୂଲ୍ୟର ୩୩୨ ଗ୍ରାମ୍ ସୁନା, ୬୪ ଲକ୍ଷର ବୀମା ଠାବ ହୋଇଛି। ତା' ମଧ୍ୟରୁ ୩ଟି ପ୍ଲଟର ଦାମ ୧ କୋଟି ୨୫ ଲକ୍ଷରୁ ଅଧିକ ଟଙ୍କା ହେବ। ବରଗଡ଼ ଜିଲ୍ଲା ରୋହିନିଆରେ ଗୋଟିଏ ପୈତୃକ ଘର ବି ମିଳିଛି। ତା' ସହ ମିଳିଛି ୨ଟି କାର ଏବଂ ୨ଟି ବାଇକ୍। ଏବେ ବି ହିସାବ ଚାଲିଥିବାରୁ ଜବତ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ।ସୂଚନା ଥାଉକି, କ୍ରିପ୍ଟୋ କରେନ୍ସି ହେଉଛି ଏକ ଡିଜିଟାଲ୍ ମୁଦ୍ରା। ଯାହାର କାଗଜ ନୋଟ୍ କିମ୍ବା ଧାତବ କଏନ୍ ନାହିଁ। ପ୍ରଚଳନ କେବଳ ଇଣ୍ଟରନେଟ୍ ଦୁନିଆରେ ହୋଇଥାଏ। ଏହି କରେନ୍ସି ଉପରେ କୌଣସି ସରକାର କିମ୍ବା ବ୍ୟାଙ୍କର ନିୟନ୍ତ୍ରଣ ନାହିଁ। ଭାରତରେ ଯଦିବା ଏଯାଏଁ ଏହା ଆଇନତଃ ବୈଧ ନୁହେଁ, ସେଥିରେ କିନ୍ତୁ ନିଜର କଳାଧନକୁ ବିନିଯୋଗ କରି ଭିଜିଲାନ୍ସ ଏବଂ ଆୟକର ବିଭାଗ ଆଖିରୁ ଜଉଝଝ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ଦାସ ଖସିଯିବାକୁ ଉଦ୍ୟମ କରୁଥିଲେ। ହେଲେ ଚୋର ଘର ସଦାବେଳେ ଅନ୍ଧାର ନ ଥାଏ, ଠିକ୍ ଏହି ଉକ୍ତି ଅନୁଯାୟୀ ନିହାର ଧରାପଡ଼ିଛନ୍ତି।

## ରାଜ୍ୟ ର ବରିଷ୍ଠ ପୋଲିସ ଅଧିକାରୀଙ୍କ କନ୍ଧମାଳରେ ମାଓ ସମୀକ୍ଷା

କନ୍ଧମାଳ ,୨୮।୧୦(ପି.ଏନ): ରାଜ୍ୟ ପୋଲିସ ଏବଂ ବିଏସଏଫ ତଥା ସିଆରପିଏଫ୍ ର ବରିଷ୍ଠ ଅଧିକାରୀ ମାନେ କନ୍ଧମାଳରେ ମାଓ ଗତିବିଧି ଓ ପୋଲିସ ପକ୍ଷରୁ ଏହାର ମୁକାବିଲା ପାଇଁ ପଦକ୍ଷେପ ର ସମୀକ୍ଷା କରିଥିଲେ। ଆଜି ସକାଳେ ହେଲିକ୍ୟାପ୍ଟର ଯୋଗେ ଫୁଲବାଣୀ ମାଦିକୁନ୍ଦା ସ୍ଥିତ ରିଜର୍ଭ ପୋଲିସ ପଡ଼ିଆ ଠାରେ ପହଞ୍ଚି ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, ଆଇ ଜି ଅପରେସନ ଅମିତାଭ ଠାକୁର,ଡିଆଇଜି ଏସଡବ୍ଲୁ ଅନିରୁଦ୍ଧ ସିଂ,ଆଇଜି ଏସ୍ ଆର ସତ୍ୟବ୍ରତ ଭୋଇ,ବିଏସଏଫ ଆଇଜି ଡି. କେ ଶର୍ମା, ଡିଆଜି ଧିରେନ୍ଦ୍ର କୁମାର, ସିଆରପିଏଫ୍ କମାଣ୍ଡେଣ୍ଟ ଆନନ୍ଦ ଝା ପ୍ରମୁଖ ଆସି କନ୍ଧମାଳ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ବାଲିଗୁଡ଼ା ଉପଖଣ୍ଡ ପୋଲିସ୍ ଅଧିକାରୀ ଓ ଜିଲ୍ଲା ର ବରିଷ୍ଠ ଅଧିକାରୀ ମାନଙ୍କ ସହ ଜିଲ୍ଲା ରେ ମାଓବାଦୀ ମାନଙ୍କ ଗତିବିଧି ଓ ପୋଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପୂର୍ବରୁ ହ୍ୟାଲିକ୍ୟାପଟର ଯୋଗେ ଜିଲ୍ଲାର କିଛି ମାଓ ଅଧ୍ୟୁଷିତ ଅଂଚଳର ଆକାଶମାର୍ଗରୁ ଏରିଏଲ ସର୍ଭେ କରିଥିଲେ।ପରେ ଜିଲ୍ଲା ପୋଲିସ ମୁଖ୍ୟାଳୟ ରେ ଏକ ସାମ୍ବାଦିକ ସମ୍ମିଳନୀରେ, ଆଜି ଅପରେସନ ଏବଂ ବିଏସଏଫ ଆଇଜି, ଜିଲ୍ଲା ରେ ମାଓବାଦୀ ମାନେ ପୋଲିସ ଖବର ଦାତା ନାମରେ ନିରିହ ଆଦିବାସୀ ମାନଙ୍କୁ ହତ୍ୟା କରୁଛନ୍ତି। ପୋଲିସ ବିଭାଗରେ ସେହିଭଳି କେହି ଇନଫର୍ମର ନାହାଁନ୍ତି ବୋଲି କହିବା ସହିତ, ମାଓବାଦୀ ମାନେ ହିଂସା ଛାଡି ସରକାରଙ୍କ ମାଓ ଆତ୍ମସମର୍ପଣ ଓ ଥଇଥାନ ବ୍ୟବସ୍ଥା ର ଲାଭ ନେବା ସହିତ ସମାଜର ମୁଖ୍ୟସ୍ରୋତ କୁ ଆସିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ରେ ମାଓ କୁମ୍ବିଙ୍ଗ ନିରନ୍ତର ଭାବେ ଜାରି ରହିବ ସାଧାରଣ ଲୋକେ ନିର୍ଭୟ ରେ ଜୀବନ ଯାପନ କରନ୍ତୁ ବୋଲି ବିଏସଏଫ ଆଇଜି କହିଛନ୍ତି। ଏହି ଅବସରରେ କନ୍ଧମାଳ ଏସପି ଭିନୀତ ଅଗ୍ରୱାଲ ଓ ବାଲିଗୁଡା ଉପଖଣ୍ଡ ପୋଲିସ୍ ଅଧିକାରୀ ଜି. ରାଘବେନ୍ଦ୍ର ରେଡ୍ଡୀ ଏବଂ ଅନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଗତ ୧୧ ତାରିଖ ରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଂଚଳର କଣାସାଲୁ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିବା ବେଳେ ସେଠାରେ ଜଣେ ମହିଳା ମାଓବାଦୀର ମୃତ୍ୟୁ ହୋଇଥିଲା । ଏହାପରେ ୨୪ ତାରିଖରେ କଣାସାଲୁ ଗାଁ ର ଜଣେ ଯୁବକଙ୍କୁ ପୋଲିସ ଖବର ଦାତା ନାମରେ ହତ୍ୟା କରିଥିଲେ ମାଓବାଦୀ। ଖାଲି ସେତିକି ନୁହେଁ ସେହି ଅଂଚଳର ନିକଟ ଜାର୍ଗୀ ଠାରେ ରାସ୍ତା କାମରେ ନିୟୋଜିତ ଏକ ଠିକା କମ୍ପାନୀ ର ୫ ଟି ଗାଡିକୁ ପୋଡି ଦେଇଛନ୍ତି ମାଓବାଦୀ। ଏହି ଘଟଣାର ସମୀକ୍ଷା କରିଥିଲେ ପୋଲିସ ଅଧିକାରୀ ମାନେ।

## ୧୧ କୋଟିର ବ୍ରାଉନସୁଗର ଜବତ




ବାଲେଶ୍ୱର, ୨୮।୧୦(ପି.ଏନ): ୧୧ କୋଟି ଟଙ୍କାର ବ୍ରାଉନସୁଗର ଜବତ। ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ପୁଲିସ ୬ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଏହି ନିଶା ସାମଗ୍ରୀ ଜବତ କରିଛି। ଗିରଫ ନିଶା ମାଫିଆଙ୍କ ଭିତରେ ରହିଥିବା ମୁଖ୍ୟ କିଙ୍ଗପିନର ଘର ମଧ୍ୟପ୍ରଦେଶରେ। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ ସୂଚନା ଦେଇଛନ୍ତି ।ଜବତ ବ୍ରାଉନସୁଗରର ପରିମାଣ ୧୦ କେଜିରୁ ଅଧିକ ହେବ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଲେଶ୍ୱର ଏସପିଙ୍କ ନେତୃତ୍ୱରେ ଏକ ଟିମ ଗତକାଲି ଫୁଲାଡି ଅଞ୍ଚଳରେ ଚ ?।ଉ କରିଥିଲା। ବ୍ରାଉନସୁଗାର କାରବାର କରିବାକୁ ଆସିଥିବା ଗ୍ୟାଙ୍ଗକୁ ଧରିଥିଲା। ସେମାନଙ୍କ ଠାରୁ ବିପୁଳ ପରିମାଣର ନିଷିଦ୍ଧ ନିଶା ଦ୍ରବ୍ୟ ଜବତ ହେବା ପରେ ପୁଲିସ ତଦନ୍ତ ଜୋରଦାର କରିଥିଲା ।ଏହି ନିଶା ମାଫିଆ ଗ୍ୟାଙ୍ଗ ଓଡିଶା ସମେତ ମଧ୍ୟପ୍ରଦେଶ, ଆସାମ, ପଶ୍ଚିମବଙ୍ଗରେ ନିଜର କାୟା ବିସ୍ତାର କରିଛନ୍ତି। ଅନ୍ୟ ରାଜ୍ୟରୁ ବ୍ରାଉନସୁଗାର ଆଣି ଓଡିଶାରେ ବିକ୍ରି କରୁଥିଲେ। ସେମାନଙ୍କ ଠାରୁ ୨ଟି ବାଇକ୍ ଓ ୫ଟି ମୋବାଇଲ ଜବତ କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ କିଙ୍ଗପିନ୍ ହାଡ୍‌କୋର କ୍ରିମିନାଲ ବୋଲି ପୂର୍ବାଞ୍ଚଳ ପୁଲିସ ଆଇଜି ସୂଚନା ଦେଇଛନ୍ତି। ଗିରଫ ନିଶା ମାଫିଆଙ୍କ ସହ ଅନ୍ୟ କାହାର ଲିଙ୍କ ରହିଛି ଓ ସେମାନଙ୍କ ଫାଇନାନ୍‌ସିଆଲ କାରବାର ଜାଣିବାକୁ ପୁଲିସ ଅଧିକ ତଦନ୍ତ ଚଳାଇଛି ବୋଲି ସେ କହିଛନ୍ତି।

## ସିଲାକୋଟା ଗାଁରେ ଅଜଣା ରୋଗ ଆତଙ୍କ, ଗାଁରେ ପହଂଚିଲା ସ୍ୱାସ୍ଥ୍ୟ ଟିମ୍

ମାଲକାନଗିରି, ୨୮।୧୦(ପି.ଏନ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଅନ୍ତର୍ଗତ ଦୁର୍ଗମ ସିଲାକୋଟା ଗାଁରେ ଅଜଣା ରୋଗ ବ୍ୟାପିବା ପରେ ଆଜି ସ୍ୱାସ୍ଥ୍ୟ ବିଭାଗ ଟିମ ପହଂଚି ଅନୁଧ୍ୟାନ କରିଛି। ଗଣମାଧ୍ୟମରେ ଖବର ପ୍ରକାଶ ପ୍ରଶାସନ ଦ୍ୱାରା ଆଦର୍ଶ ଗାଁର ମାନ୍ୟତା ପାଇଥିବା ଏହି ଗାଁରେ ଗତ ଏପ୍ରିଲ ମାସରେ ଅଜଣା ରୋଗରେ ପ୍ରଥମ ମୃତ୍ୟୁ ହୋଇଥିଲା। ମୃତକଙ୍କ ହାତଗୋଡ଼ ସହ ପେଟ ହଠାତ୍ ତଥା ଅସ୍ୱାଭାବିକ ଭାବେ ଫୁଲି ଯାଇଥିଲା। ସେ ଏତେ ପାଇବା ପରେ ବିଭାଗ ତତ୍ପରତା ପ୍ରକାଶ କରି ଅସୁସ୍ଥଙ୍କ ଚିକିତ୍ସା ଆରମ୍ଭ କରିଛି। ସେହିପରି ରୋଗର କାରଣ ଖୋଜିବା ଆରମ୍ଭ କରି କିଛି ନମୁନା ସଂଗ୍ରହ କରିଛି। ତେବେ କେଉଁ କାରଣରୁ ଗତ ୬ ମାସ ମଧ୍ୟରେ ୧୧ ଜଣ ଅକାଳରେ ମୃତ୍ୟୁବରଣ କଲେ ସ୍ୱାସ୍ଥ୍ୟ ବିଭାଗ ତାହାର ଥଳକୂଳ ପାଉନି। ତେଣୁ ଆଗକୁ ରୋଗର ନିରାକରଣ କରିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି ।ସୂଚନା ଅନୁଯାୟୀ,

## କେନ୍ଦ୍ର ଗୃହମନ୍ତ୍ରୀଙ୍କ ନାଁରେ ମିଛ ଅଡିଓ ଭାଇରାଲ : ସାଇବର ଥାନା ଓ ସିଇଓଙ୍କୁ ଭେଟି ଦାବିପତ୍ର ଦେଲା ବିଜେପି

ଭୁବନେଶ୍ୱର, ୨୮।୧୦(ପି.ଏନ) ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ଥିବା ଧାମନଗର ଉପନିର୍ବାଚନ ଲାଗି ବିଜୁ ଜନତା ଦଳ ସରକାରୀ କଳ ଓ ପ୍ରଶାସନକୁ ପ୍ରଚାର କାର୍ଯ୍ୟରେ ଲଗାଇଛି। ଶେଷରେ ବିଜୁ ଜନତା ଦଳ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଧାମନଗର ଉପନିର୍ବାଚନକୁ ଟାଣିବା ସହ ମିଥ୍ୟା ଅଡିଓ, ଭିଡିଓର ଷଡଯନ୍ତ୍ର ରଚନା କରି ସବୁ ଅପରାଧର ସୀମା ଟପିଯାଇଛି। ଶାସକ ବିଜେଡି ପୂର୍ବରୁ ନିର୍ବାଚନ ଆଚରଣ ବିଧିକୁ ଖୁଲମ୍ ଖୁଲା ଉଲଘଂନ କରିବାର ସମସ୍ତ ପ୍ରମାଣ ଭାରତୀୟ ଜନତା ପାର୍ଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ହସ୍ତାନ୍ତର କରିଆସୁଛି। କିନ୍ତୁ ଶାସକ ଦଳ ସୁଧୁରିବା ପରିବର୍ତେ ପୁଣି ଏକ ମିଥ୍ୟା ଅଡିଓ କ୍ଲିପ୍ ପ୍ରସ୍ତୁତ କରି ତାକୁ ଭାଇରାଲ କରି ଆଉ ଏକ ଧର୍ତବ୍ୟ ଅପରାଧକୁ ଆପଣାଇଛି। ଏନେଇ ଭାରତୀୟ ଜନତା ପାର୍ଟିର ୭ଜଣିଆ ଟିମ୍ ଭୁବନେଶ୍ୱର ଭିଏସ୍‌ଏସ୍ ନଗର ସ୍ଥିତ ସାଇବର ଥାନାରେ ଲିଖିତ ଏଫଆଇଆର କରିବା ସହ ପରେ ପରେ ଆଜି ସିଇଓଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସୂଚନାଥାଉ କି, ଗୃହମନ୍ତ୍ରୀ ଅମିତ ଶାହା ଏବଂ ସ୍ୱାଧୀନ ପ୍ରାର୍ଥୀ ରାଜୁ ଦାସଙ୍କ ମଧ୍ୟରେ ସାକ୍ଷାତ ଓ ଆଲୋଚନାର ଏକ ମିଥ୍ୟା ଅଡିଓ, ଭିଡିଓ କ୍ଲିପ ଯାହାକି ଏକ ସାମ୍ବାଦିକ ଭଏସ୍ ଭଳି ନ୍ୟୁଜ୍ ଫରମାର୍ଟରେ ଭାଇରାଲ ହେଉଛି। ଏହି ଭାଇରାଲ ଅଡିଓଟି ସମ୍ପୂର୍ଣ୍ଣ ଅସତ୍ୟ। ଦେଶର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କୁ ଧାମନଗର ଉପନିର୍ବାଚନକୁ ଟାଣିବା ଏବଂ ତାଙ୍କୁ ଯୋଡି ମିଥ୍ୟା ଅଡିଓ ଭାଇରାଲ କରିବା ଏକ ହୀନ ରାଜନୀତି ଓ ଧର୍ତବ୍ୟ ଅପରାଧ। ବିଭିନ୍ନ ଦଳ ଭିନ୍ନ ଭିନ୍ନ ଉପାୟରେ ନିର୍ବାଚନ ପ୍ରଚାର କରିଥାନ୍ତି। କିନ୍ତୁ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ଶାସକ ବିଜୁ ଜନତା ଦଳ ଗତ ୨ସପ୍ତାହ ମଧ୍ୟରେ ଯେଉଁଭଳି ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରୁଛି ତାହା ସମ୍ପୂର୍ଣ୍ଣ ଅନୈତିକ ଏବଂ ନିର୍ବାଚନ ଆଚରଣ ବିଧିକୁ ଉଲଘଂନ କରୁଛି। ଯଥାଶୀଘ୍ର ଏହି ମିଥ୍ୟା ଅଡିଓ, ଭିଡିଓ କରିଥିବା ବ୍ୟକ୍ତିଙ୍କ ନାମ ଘୋଷଣା କରିବା ସହ ଧାମନଗର ଉପନିର୍ବାଚନ ମୁକ୍ତ, ଅବାଧ ନିର୍ବାଚନ କରିବା ଲାଗି ସିଇଓ କଡା ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ରାଜ୍ୟ ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳିରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ଅନିତା ଶୁଭଦର୍ଶୀନି ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ ଓ ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋବିନ୍ଦ ସାହୁକୁ ଫାଶୀ ହେଉ ମୋ ଝିଅକୁ ନ୍ୟାୟ ମିଳୁ


କଣ୍ଟାବାଞ୍ଜି ,୨୮।୧୦(ପି.ଏନ): ହତ୍ୟାକାରୀ ଗୋବିନ୍ଦ ସାହୁକୁ ଫାଶୀ ହେଉ। ମୋ ଝିଅକୁ ନ୍ୟାୟ ମିଳୁ। ଆଜି ଏପରି ଆକୁଳ ନିବେଦନ କରିଛନ୍ତି ମୃତ ଶିକ୍ଷୟିତ୍ରୀ ମମିତା ମେହେରଙ୍କ ମାଆ ତୁଳସୀ ମେହେର। କଣ୍ଟାବାଞ୍ଜି ଏଡିଜେଙ୍କ କୋର୍ଟକୁ ସାକ୍ଷୀ ଦେବାକୁ ଆସିଥିବା ବେଳେ ଏମିତି କହିଛନ୍ତି ତୁଳସୀ।କଳାହାଣ୍ଡି ଜିଲ୍ଲା ସନସାଇନ୍ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରେ ନିଖୋଜ ହୋଇଯାଇଥିଲେ। ଏନେଇ ଥାନାରେ ଏତଲା ଦେବା ପରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ମମିତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏଥିରେ ଗୋବିନ୍ଦ ସାହୁର ହାତ ଥିବା ଜଣାପଡିଥିଲା। ଏହା ପରେ ପୁଲିସ୍ ଗୋବିନ୍ଦ ଓ ତା' ସହଯୋଗୀ ରାଧେକୁ ଗିରଫ କରି ଜେଲ୍ ? ପଠାଇଥିଲା।ଏବେ ମମିତା ମେହେର ହତ୍ୟାକାଣ୍ଡର ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଚାଲିଛି। କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଜଣେ ପରେ ଜଣେ ଆସି ସାକ୍ଷ୍ୟ ପ୍ରଦାନ କରୁଛନ୍ତି। ଏହି କ୍ରମରେ ଆଜି ମୃତ ଶିକ୍ଷୟିତ୍ରୀ ମମିତାଙ୍କ ମାଆ ତୁଳସୀ ମେହେର ସାକ୍ଷୀ ଦେବାକୁ ଆସିଥିଲେ। ସାକ୍ଷ୍ୟ ଦେବା ସମୟରେ ନିଜ ଝିଅକୁ ମନେ ପକାଇ କାନ୍ଦି ପକାଇ ଥିଲେ ତୁଳସୀ।ଅନ୍ୟପକ୍ଷରେ ଆଜି ମମିତାଙ୍କ ସଂପର୍କୀୟ ପୁତୁରା ଆୟୁଷ ମେହେର ମଧ୍ୟ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ୍ ? ୧୬୯ ଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସାକ୍ଷ୍ୟ ଗ୍ରହଣର ତାରିଖ ଆସନ୍ତା ୨୯ ଓ ୩୦ ତାରିଖ ରଖାଯାଇଛି। ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ପାଇଁ ଆଜି ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେ ଚ୍ଛଣ୍ଡିକୁ କଡା ସୁରକ୍ଷା ଭିତରେ ଏଡିଜେ କୋର୍ଟରେ ହାଜର କରାଯାଇଥିଲା।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।


# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା


ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !




ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଫିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥ୍ରଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଶିକ୍ଷିତ ବେକାରଙ୍କୁ ଆଶ୍ୱସ୍ତି



ଆସନ୍ତା ଦେଢ଼ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ୧୦ଲକ୍ଷ ବେକାର ଯୁବକ-ଯୁବତୀଙ୍କୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ନିଷ୍ପତିର ଶୁଭାରମ୍ଭ ପବିତ୍ର ଦିପାବଳୀ ଧନତେରାସ୍ ଦିବସରୁ ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଦେଶବ୍ୟାପୀ ୭୫ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏଥିଲାଗି ଦେଶର ୫୦ଟି ସହରରେ ସ୍ୱତନ୍ତ୍ର ନିଯୁକ୍ତି ମେଳାର ଆୟୋଜନ କରାଯାଇ କେନ୍ଦ୍ରମନ୍ତ୍ରୀମାନେ ନିଯୁକ୍ତି ପତ୍ର ବଂଟନ କରିଛନ୍ତି । ଅବଶ୍ୟ ଆମ ଦେଶରେ ନିଯୁକ୍ତି ମେଳା ମାଧ୍ୟମରେ ନିଯୁକ୍ତି ପତ୍ର ପ୍ରଦାନ ନୂଆ ନୁହେଁ । ଏହାର ବହୁ ପୂର୍ବରୁ ଅର୍ଥାତ ଏକ ଦଶନ୍ଧି ପୂର୍ବରୁ ଓଡ଼ିଶା ସରକାର ନିଯୁକ୍ତି ମେଳା ମାଧ୍ୟମରେ ଶିକ୍ଷକ ନିଯୁକ୍ତି ଆରମ୍ଭ କରିଥିଲେ । ଏବେ ବି ବିଭିନ୍ନ ବିଭାଗରେ ମନୋନୀତ ଯୋଗ୍ୟ ଯୁବକ ଯୁବତୀଙ୍କୁ ସ୍ୱତନ୍ତ୍ର ଉତ୍ସବ ଜରିଆରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଉଛି । କେନ୍ଦ୍ର ସରକାରଙ୍କ ନିଯୁକ୍ତି ମେଳା ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରୁ ୩୪୪ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ମିଳିଛି । କହିବାକୁ ଗଲେ ୭୫ହଜାର ମଧ୍ୟରୁ ଆମ ରାଜ୍ୟ ଭାଗରେ ମାତ୍ର ୩୩୪ ଜଣଙ୍କୁ ଚାକିରୀ ମିଳିଛି । ଯାହା ସମୁଦ୍ରକୁ ଶଙ୍ଖେ ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ । ତେବେ ସେ ଯାହାହେଉନା କାହିଁକି ଶେଷରେ ବେକାର ଯୁବକ ଯୁବତୀଙ୍କୁ ଚାକିରୀ ମିଳିଛି, ତାହା ଆଶ୍ୱସ୍ତିର ବିଷୟ । କହିବା ଉଚିତ ଯେ, ୨୦୧୪ ସାଧାରଣ ନିର୍ବାଚନ ସମୟରେ ବିଜେପି ବାର୍ଷିକ ୨ଲକ୍ଷ ବେକାର ଯୁବକ-ଯୁବତୀ ନିଯୁକ୍ତି ଦେବା ଲାଗି ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର ହୋଇଥିଲା । ଯାହାକି କଂଗ୍ରେସକୁ କ୍ଷମତାଚ୍ୟୁତ କରାଇବାରେ ସହାୟକ ହୋଇଥିଲା । ମାତ୍ର ବିଡମ୍ବନାର ବିଷୟ ଯେ, ଗତ ୮ବର୍ଷ ଧରି କେନ୍ଦ୍ରରେ ବିଜେପି କ୍ଷମତାସୀନ ରହିଥିବା ସତ୍ୱେ ନିଯୁକ୍ତି କ୍ଷେତ୍ରରେ ନିଜର ପ୍ରତିଶ୍ରୁତି ପାଳନ କରିନଥିବା ଅଭିଯୋଗ ହୋଇଆସୁଥିଲା । ଏବେ ପୁଣି ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ମେଳା ମାଧ୍ୟମରେ ଶିକ୍ଷିତ ବେକାର ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦେବା ନିଶ୍ଚିତ ଭାବେ ଯୁବାବର୍ଗଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଥିବ । ଏହା ନିଶ୍ଚିତ ଯେ, କେନ୍ଦ୍ର ସରକାରଙ୍କର ଏହି ନିଯୁକ୍ତି ଅଭିଯାନ ଦେଶରେ ନିଯୁକ୍ତି କ୍ଷେତ୍ରରେ ଚ୍ୟାଲେଞ୍ଜ । ଏବେ ଦେଶରେ ଯେତିକି ସଂଖ୍ୟକ ଶିକ୍ଷିତ ବେକାର ଯୁବକ-ଯୁବତୀ ଅଛନ୍ତି, ସେହି ତୁଳନାରେ ସରକାରୀ ବିଭାଗଗୁଡିକରେ ପଦବୀ ନାହିଁ । ଅନ୍ୟପକ୍ଷରେ ଦେଶରେ ଶିକ୍ଷିତ ବେକାରଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ସିଏମଆଇଇ ରିପୋର୍ଟ ଅନୁଯାୟୀ ଦେଶରେ ବେକାରୀ ହାର ଏବେ ୧୨.୩ ପ୍ରତିଶତରେ ପହଂଚିଛି । ଯାହାକି ସର୍ବୋଚ୍ଚ ସ୍ତରରେ ବୋଲି କୁହାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦ରୁ ୨୯ବର୍ଷ ମଧ୍ୟରେ ଦେଶରେ ବେକାରଙ୍କ ସଂଖ୍ୟା ୮୪ ପ୍ରତିଶତ ରହିଛି । ଯାହାକି ଦେଶରେ ଉତ୍କଟ ବେକାରୀ ସମସ୍ୟାକୁ ପ୍ରତିପାଦିତ କରୁଛି ବୋଲି କୁହାଯାଇପାରେ । ସହରାଂଚଳ ତୁଳନାରେ ଗ୍ରାମାଂଚଳରେ ବେକାରୀ ହାର ଉଦ୍‌ବେଗଜନକ ସ୍ଥିତିରେ ପହଁଚିଛି । ଏବେ ଗ୍ରାମାଂଚଳରେ ବେରୋଜଗାରୀ ହାର ୮ ପ୍ରତିଶତ ଅତିକ୍ରମ କରିଛି । ଦେଶରେ ବେରୋଜଗାରୀ ହାର ୨୦୨୨ ସେପ୍ଟେମ୍ବରରେ ୬.୪୩ ପ୍ରତିଶତ ଥିବାବେଳେ ଚଳିତ ମାସରେ ତାହା ୮ ପ୍ରତିଶତ ପାଖାପାଖି । ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କରୋନା ଏବଂ ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ସମଗ୍ର ବିଶ୍ୱକୁ ଏବେ ଆର୍ଥିକ ମାନ୍ଦାବସ୍ଥା ଗ୍ରାସ କରିବାକୁ ଯାଉଥିବା ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇସାରିଲେଣି । ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାଗ୍ରସ୍ତ ହେଲେ, ଛଟେଇ ବଢ଼ିବ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ୨୦୦୮ ମସିହାରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ଲକ୍ଷ ଲକ୍ଷ ଯୁବକ ଯୁବତୀ ଚାକିରୀ ହରାଇଥିଲେ । ଫଳରେ ବିଶ୍ୱରେ ବେରୋଜଗାରୀ ହାର ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ଏହା ସତ୍ୟ ଯେ, ଅଭିବୃଦ୍ଧି ହାର ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ । ମାତ୍ର ଆମ ଦେଶରେ ଅଭିବୃଦ୍ଧି ହାର ୬ରୁ ୬.୫ ପ୍ରତିଶତରେ ସୀମିତ ରହିବ ଏବଂ ଏହା ୭ ପ୍ରତିଶତ ଛୁଇଁବା କଷ୍ଟକର ବୋଲି କୁହାଯାଇଛି । ମହାମାରୀ କରୋନା, ବିମୁଦ୍ରାୟନ ଯୋଗୁଁ ଦେଶରେ ବେରୋଜଗାରୀ ହାର ବଢ଼ିଛି ଏବଂ ଲୋକଙ୍କ ଆୟ କମିଛି । ଏହାକୁ ଅସ୍ୱୀକାର କରିହେବ ନାହିଁ । ଏଭଳି ଏକ ସମୟରେ କେନ୍ଦ୍ର ସରକାର ନିଯୁକ୍ତି ମେଳା ମାଧ୍ୟମରେ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଆମକୁ ସ୍ମରଣ ରଖିବାକୁ ହେବ ଯେ, ଆଜିର ଚାକିରୀ ସମସ୍ୟା, ଆସନ୍ତା କାଲିର ସାମାଜିକ ସମସ୍ୟା ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ଗଡକାଳିକାଙ୍କ ଶକ୍ତିପୀଠ: ଉଜ୍ଜୟିନ



ନବରାତ୍ର ଅର୍ଥାତ ଶକ୍ତିଙ୍କ ଉପାସନାର ପର୍ବ । ନବରାତ୍ର ବର୍ଷରେ ଦୁଇଥର ଆସିଥାଏ, ଚୈତ୍ର ନବରାତ୍ର ଓ ଶାରଦୀୟ ନବରାତ୍ର । ଏହି ନଅ ଦିନରେ ମାତାଙ୍କ ନଅ ରୂପର ଉପାସନା କରାଯାଏ । ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଯେଉଁ ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କ ଶରୀରର ବିଭିନ୍ନ ଅଙ୍ଗ ପଡ଼ିଥିଲା, ସେହିସବୁ ସ୍ଥାନ ମାନଙ୍କରେ ଶକ୍ତିପୀଠ ସ୍ଥାପନା ହେଲା । ଏହି ଶକ୍ତିପୀଠ ଗୁଡ଼ିକ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ରହିଛି । ସେହି ଶକ୍ତିପୀଠ ଗୁଡ଼ିକ ମଧ୍ୟରେ ଉଜ୍ଜୟିନ ଠାରେ ଗଡକାଳିକା ଧାମ ଅନ୍ୟତମ । ଏହି ସ୍ଥାନରେ ମହାକବି ଓ ନାଟ୍ୟକାର କାଳିଦାସଙ୍କୁ ଜ୍ଞାନ ପ୍ରାପ୍ତ ହୋଇଥିଲା ।



ମଧ୍ୟପ୍ରଦେଶର ଐତିହାସିକ ନଗରୀ ଉଜ୍ଜୟିନ ଏହାର ପରିଚୟ ଅଟେ । ଏଠାରେ ଅବସ୍ଥିତ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଗୋଟିଏ ମହାକାଳ ଜ୍ୟୋତିର୍ଲିଙ୍ଗ ରହିଛି । ବିକ୍ରମାଦିତ୍ୟଙ୍କ ଏହି ନଗରୀ ସ୍ୱଂୟ ଆଉ ଏକ ଇତିହାସକୁ ଆଢୁଆଳରେ ରଖିଛି । ସେହି ଇତିହାସ ହେଲା, ମା' ଶକ୍ତି ଏଠାରେ ଗଡକାଳିକା ରୂପରେ ବିରାଜମାନ ଅଛନ୍ତି । ସଂସ୍କୃତର ମହାନ କବି କାଳୀଦାସଙ୍କୁ ମା'ଗଡକାଳିକାଙ୍କ ଆଶିର୍ବାଦ ଯୋଗୁ ହିଁ ଜ୍ଞାନ ପ୍ରାପ୍ତି ହୋଇଥିଲା ବୋଲି କୁହାଯାଏ । ଆହୁରି ମଧ୍ୟ କୁହାଯାଏ ଯେ, ଜୀବନ ଆରମ୍ଭରେ କାଳୀଦାସ ଅପାଠୁଆ ଓ ମୁର୍ଖ ଥିଲେ । କାଳୀଦାସ ଥରେ ଗୋଟିଏ ଗଛର ଯେଉଁ ଡ଼ାଳରେ ବସିଥିଲେ, ସେହି ଡ଼ାଳକୁ





କାଟୁଥିଲେ ! ଏହି ଘଟଣାରେ ତାଙ୍କର ସ୍ତ୍ରୀ ବିଦ୍ୟୋତମା ତାଙ୍କୁ ବହୁ ଅପମାନ ଜନକ ଗାଳି ଗୁଲଜ କଲେ । ଫଳସ୍ୱରୂପ ତପସ୍ୟାରେ ମଗ୍ନ ରହି ମହାମୁର୍ଖ କୁହାଯାଉଥିବା କାଳୀଦାସ ଗଡକାଳୀକାଙ୍କ କୃପା ଲାଭ କରି ମହାକବି କାଳୀଦାସରେ ପରିଣତ ହୋଇଗଲେ ।

ଉଜ୍ଜୟିନ ସ୍ଥିତ ଗଡକାଳିକା ଦେବୀ ମନ୍ଦିର ଆଜିର ଉଜ୍ଜୟିନ ନଗରରେ ପ୍ରଚୀନ ଅବନ୍ତିକା ନଗରୀ କ୍ଷେତ୍ରରେ ଥିଲା । କାଳଜୟୀ କବି କାଳୀଦାସ ଗଡକାଳିକା ଦେବୀଙ୍କ ଉପାସକ ଥିଲେ । ସମ୍ରାଟ ହର୍ଷ ବର୍ଦ୍ଧନ ଏହି ପ୍ରାଚୀନ ମନ୍ଦିରର ନବୀକରଣ କାର୍ଯ୍ୟ କରାଇଥିବା ଉଲ୍ଲେଖ ରହିଛି । ଗଡକାଳିକା ଦେବୀଙ୍କ ମନ୍ଦିରରେ ମା'କାଳିକାଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଭିଡ଼ ଜମେ । ତାନ୍ତ୍ରିକ ମାନଙ୍କ ଦେବୀ କାଳିକାଙ୍କ ଏହି ଚମତ୍କାରୀ ମନ୍ଦିରର ପ୍ରଚୀନତା ବିଷୟରେ କେହି ଜାଣନ୍ତି ନାହିଁ । ତଥାପି ଏହାର ସ୍ଥାପନା ମହାଭାରତ କାଳରେ ହୋଇଥିବା କୁହାଯାଏ । କିନ୍ତୁ ମୂର୍ତି ଗୁଡ଼ିକ ସତ୍ୟଯୁଗର । ମାତ୍ର ଏହି ପ୍ରାଚୀନ




ମନ୍ଦିରର ନବୀକରଣ ସମ୍ରାଟ ହର୍ଷ ବର୍ଦ୍ଧନ କରିଥିବା ଉଲ୍ଲେଖ ରହିଛି । ତେବେ ଏହାର ବହୁ ପରେ ଗୋଆଲିୟର ମହାରାଜା ଏହାର ପୁନଃନିର୍ମାଣ କରିଥିଲେ ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ନିଜ ହାତରେ ଧରି ସାରା ବ୍ରହ୍ମାଣ୍ଡରେ ବୁଲି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ । କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା । ସେଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶର ଉଜ୍ଜୟିନର ଶିପ୍ରା ନଦୀ କୂଳ ପାଖରେ ଅବସ୍ଥିତ ଭୈରବ ପର୍ବତ ଉପରେ ମା' ଭଗବତୀ ସତୀଙ୍କ ଓଠ ପଡ଼ିଥିଲା । ଏଥିଯୋଗୁ ଏଠାରେ ମା'ଗଡକାଳିକାଙ୍କ ଶକ୍ତିପୀଠର ସ୍ଥାପନା ହେଲା ।

ନବରାତ୍ରିରେ ଏଠାରେ ମେଳା ଲାଗୁଥିବାବେଳେ ବିଭିନ୍ନ ଉତ୍ସବ ଓ ଯଜ୍ଞର ଆୟୋଜନ ଲାଗି ରହିଥାଏ । ମା'କାଳିକାଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସନ୍ତି । ଏଠାରେ ନବରାତ୍ରୀ ପର୍ବରେ ଭକ୍ତ ମାନଙ୍କର ଅସମ୍ଭବ ଭିଡ଼ ଲାଗିରହେ । ଅଧିକାଂଶ ଭକ୍ତ ଉପବାସ କରି ମା'ଙ୍କ ଆରାଧନା କରନ୍ତି । ନବରାତ୍ରିରେ ଗଡ କାଳିକା ମନ୍ଦିରରେ ମା'କାଳିକାଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଭିଡ଼ ଜମେ । ମା'ଗଢ କାଳିକାଙ୍କ ପ୍ରତି ଭକ୍ତ ମାନଙ୍କର ଅସୀମ ଶ୍ରଦ୍ଧା ଓ ଭକ୍ତି ସମସ୍ତଙ୍କୁ ବିସ୍ମିତ କରିଥାଏ ।

ମହାକବି କାଳିଦାସଙ୍କ ଦ୍ୱାରା ରଚିତ "ଶ୍ୟାମଳା ଦଣ୍ଡକ"ମହାକାଳୀ ସ୍ତୋତ୍ର ଏକ ସୁନ୍ଦର ଓ ବଳିଷ୍ଠ ରଚନା ଅଟେ । କୁହାଯାଏ ଯେ, ମହାକବିଙ୍କ ମୁହଁରୁ ସର୍ବପ୍ରଥମେ ଏହି ସ୍ତୋତ୍ର ପ୍ରକଟ ହୋଇଥିଲା । ଏପରିକି ଉଜ୍ଜୟିନରେ ଆନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା କାଳିଦାସ ସମାରୋହର ଆୟୋଜନ ପୂର୍ବରୁ ମା'କାଳିକାଙ୍କ ଆରାଧନା କରାଯାଇଥାଏ ।



ମା'ଙ୍କ ୫୧ ଶକ୍ତିପୀଠ ମଧ୍ୟରେ ଗୋଟିଏ ଉଜ୍ଜୟିନର ଗଡକାଳିକା ଶକ୍ତିପୀଠ ରହିଛି, ଯାହା ସାରା ଭାରତ ଉପମହାଦେଶରେ ପ୍ରସିଦ୍ଧ । ଏଥିସହିତ ଏହି ଶକ୍ତିପୀଠ ମଧ୍ୟ ତନ୍ତ୍ରବିଦ୍ୟା ଲାଭ ପାଇଁ ଗୁରୁତ୍ୱ ବହନ କରିଥାଏ । ବହୁ ଦୂର ଦୂରାନ୍ତରୁ ତାନ୍ତ୍ରିକ ମାନେ ତନ୍ତ୍ର ସିଦ୍ଧି ହାସଲ ଏହି ଶକ୍ତିପୀଠକୁ ପାଇଁ ଆସିଥାନ୍ତି । ଅନ୍ୟପକ୍ଷରେ ଏହି ଶକ୍ତିପୀଠକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାକବି କାଳିଦାସଙ୍କ ଅନୁରୂପ ଜ୍ଞାନ ପ୍ରାପ୍ତି ପାଇଁ ମା'ଭଢକାଳିକାଙ୍କ ପାଖରେ ମନୋକାମନା କରନ୍ତି ଓ ନିଜକୁ ଧନ୍ୟ ମନେ କରନ୍ତି । ଏପରିକି ଏହି ସ୍ଥାନକୁ ଆସିବା ପରେ ଭକ୍ତ ମାନଙ୍କର ସବୁ କଷ୍ଟ ଦୂର ହୋଇ ଯାଉଥିବା ବିଶ୍ୱାସ ରହିଛି ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜ୍ଞାନ ଦୀପ ଫାଉଣ୍ଡେସନ୍‌ର ବିଶ୍ୱ ଛାତ୍ର ଦିବସ-୨୦୨୨




ଭୁବନେଶ୍ୱର (ପିଏନ୍): ଭାରତରନ୍ ପ୍ରାପ୍ତ, ମିସାଇଲ୍ ମ୍ୟାନ୍ ତଥା ଭାରତର ପୂର୍ବତନ ମହାନ ରାଷ୍ଟ୍ରପତି ଡଃ ଏ.ପି.ଜେ. ଅବଦୁଲ କଲାମଙ୍କ ଜନ୍ମଜୟନ୍ତୀ ତଥା ବିଶ୍ୱ ଛାତ୍ର ଦିବସ ଅବସରରେ ଜୟନ୍ତି ପାଳନ ଓ ଦୁଇ ଦିନିଆ ବିଜ୍ଞାନ ମେଳାର ଆୟୋଜନ ଭୁବନେଶ୍ୱର ସାଲିଆସାହି ଠାରେ କରାଯାଇଛି । ବିଜ୍ଞାନ ମେଳା ଉଦ୍‌ଘାଟନୀ ଉତ୍ସବରେ ଶ୍ରୀଯୁକ୍ତ ଆକାଶ ଦାସନାୟକ (ବିଶିଷ୍ଟ ଓଡିଆ ସିନେ ତାରକା, ସମାଜସେବୀ, ଅଧ୍ୟକ୍ଷ "ମୋ କଲେଜ" ଅଭିଯାନ), ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ପାଇକରାୟ (ବିଶିଷ୍ଟ ସମାଜସେବୀ, ଅଧ୍ୟକ୍ଷ ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ, ସଭାପତି ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସାଲିଆସାହି, ଶ୍ରୀମାନ୍ ଅନିଲ ପ୍ରଧାନ (ସି.ଇ.ଓ. ୟଙ୍ଗ୍ ଟିଙ୍କର ଏକାଡେମୀ), ଶ୍ରୀଯୁକ୍ତ ପ୍ରେମାନନ୍ଦ ଜେନା (ୱାର୍ଡ ନଂ-୨୦, ବି.ଏମ୍.ସି.) ଶ୍ରୀଯୁକ୍ତ ସମ୍ବିତ ନନ୍ଦ (ମାର୍ଗଦର୍ଶକ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସାଲିଆସାହି), ଅଧାପକ ସଂଜୀବ ରାୟ (ବାଉରୀବନ୍ଧୁ ମହାବିଦ୍ୟାଳୟ, ଛତାବର ଅତିଥି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଭରିଥିଲେ । ସଭାପତି ଶ୍ରୀଯୁକ୍ତ ପାଇକରାୟ ସଭା ପରିଚାଳନା ସହିତ ଛାତ୍ରଛାତ୍ରୀମାନଙ୍କୁ ଅବଦୁଲ କଲାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ବାର୍ତା ରଖିଥିଲେ । ଶ୍ରୀଯୁକ୍ତ ଆକାଶ ଦାସନାୟକ ଛାତ୍ରଛାତ୍ରୀମାନଙ୍କର ଲକ୍ଷ୍ୟ କିପରି ହେବା ଆବଶ୍ୟକ ଓ ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ କିଛି କୌଶଳ ନିଜ ବାର୍ତା ମାଧ୍ୟମରେ କହିଥିଲେ ଓ ମୋ ଓଡିଶା ଗୀତ ନିଜେ ବୋଲି ପିଲାମାନଙ୍କୁ ବୋଲିବା ପାଇଁ ଉତ୍ସାହ ପ୍ରଦାନ କରିଥିଲେ । ଯୁବ ବିଜ୍ଞାନୀ ଅନିଲ ପ୍ରଧାନ ପିଲାମାନଙ୍କ ନିକଟରେ ଲୁଚିଥିବା ଅନ୍ତର୍ନିହିତ ଗୁଣ ପ୍ରକାଶ କରିବା ନିମନ୍ତେ ନିଜର ଇଚ୍ଛାଶକ୍ତିକୁ ପ୍ରକାଶ କରିବା ନିମନ୍ତେ ନିଜର ବାର୍ତା ମାଧ୍ୟମରେ କହିଥିଲେ । ଶ୍ରୀଯୁକ୍ତ ପ୍ରେମାନନ୍ଦ ଜେନା ବିଶ୍ୱ ଛାତ୍ର ଦିବସ ପାଳନ ନିମନ୍ତେ ଜ୍ଞାନ ଦୀପ ଫାଉଣ୍ଡେସନ୍‌ର କର୍ମକର୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଶ୍ରୀଯୁକ୍ତ ସମ୍ବିତ ନନ୍ଦ କଲାମଙ୍କ ବିଷୟରେ ବହି ପଢିବା ଓ ଶ୍ରେଣୀ ଶିକ୍ଷକମାନଙ୍କ ନିକଟରୁ ବୁଝିବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ସଭାପତି ଶ୍ରୀଯୁକ୍ତ ପାଇକରାୟ ସଭା ପରିଚାଳନା କରିଥିଲେ । ବିଜ୍ଞାନ ମେଳାର ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀମାନ୍ ମେଘନା ସାହୁ ତତ୍ତ୍ୱାବଧାନ କରିଥିଲେ । ଛାତ୍ର ଦିବସ ଅବସରରେ କିଛି ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ସମ୍ପାଦକ ଓ ସମସ୍ତ ଗୁରୁଜୀ ଗୁରୁମା ବୃନ୍ଦ କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିଲେ ।

## ଅନନ୍ୟା ବକ୍ତୃତାମାଳା, ବିଜୟାମିଳନ ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ତ୍ରିଦିବସୀୟ ଅନନ୍ୟା ବକ୍ତୃତାମାଳା, ବିଜୟାମିଳନ ଉତ୍ସବ ବିରଜା ରଥଦାଣ୍ଡ ଠାରେ ଚାରିଦିନ ଧରି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ । ବିଜୟାଦଶମୀରେ କବି ସମ୍ମିଳନୀ, କବିତା ପାଠ ଉତ୍ସବ ଓ ଭଜନ ପରିବେଷଣ କରାଯାଇଥିଲା । ସଂଗୀତ ନିର୍ଦ୍ଦେଶକ ଅଧ୍ୟାପକ ଡଃ କୈଳାସ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଭକ୍ତି କୈବଲ୍ୟ ତରଫରୁ ଭଜନ ପରିବେଷଣ କରାଯାଇଥିଲା । ଅନନ୍ୟାର ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ ମା'ବିରଜାଙ୍କ ସମ୍ପର୍କରେ ବିସ୍ତୃତ ଗବେଷଣାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ଡଃ ସୂର୍ଯ୍ୟମଣୀ ଖୁଣ୍ଟିଆ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡଃ ଜୟକୃଷ୍ଣ ଦାସ, ଶିକ୍ଷାବିତ ଦଶରଥ ସାମଲ, ଶିଶୁ କବି ଗିରିଧାରୀ ସ୍ୱାଇଁ, ବିଶିଷ୍ଟ କଥାକାର ଅଧିକାରୀ ନବକିଶୋର ଦାସ, ପ୍ରାକ୍ତନ ପୋଲିସ୍ ପ୍ରଶାସକ ଗଦାଧର ରାଉତ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି ପ୍ରମୁଖ ବିଭିନ୍ନ ଦିବସରେ ଶାକ୍ତ ସଂସ୍କୃତିରେ ଶ୍ରୀବିରଜା ଓ ସିଂହଧ୍ୱଜ ରଥ ସମ୍ପର୍କରେ ଆଲୋଚନା କରିଥିଲେ । କବି ରାମଚନ୍ଦ୍ର ଦାଶ, ପ୍ରଭାତ କୁମାର ମଲ୍ଲିକ, ମନୋଜ କୁମାର ନାଥ, ହୃଷିକେଶ ପତି,ଜିତେନ୍ଦ୍ର ବେହେରା, ଖଗେଶ୍ୱର ସାହୁ, ଆଶାଲତା ନନ୍ଦ, ପ୍ରଦୀପ୍ତ କୁମାର ଦାସ, ରଂଜିତା ଦାଶ, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଉପସଭାପତି ବିଭୂତି ମହାପାତ୍ର ପରିଚାଳନା କରିଥିବା ବେଳେ ସହ-ସମ୍ପାଦକ ଆଦିତ୍ୟ ମହାନ୍ତି ସଂଚାଳନ କରିଥିଲେ । ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହନିଟ୍ରାପରେ ସଂପୃକ୍ତ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂପୃକ୍ତି ସମ୍ପର୍କରେ ଏସ୍‌ଆଇଟି ତଦନ୍ତ ପାଇଁ ସିପିଆଇ(ଏମ୍)ର ଦାବୀ

ଭୁବନେଶ୍ୱର (ପିଏନ୍): ଗତ କିଛି ଦିନ ଧରି ରାଜ୍ୟରେ ଜଣେ ମହିଳାଙ୍କ ଦ୍ୱାରା ହନିଟ୍ରାପ ଏବଂ ଯୁବତୀମାନଙ୍କୁ ଦେଇ ବ୍ୟବସାୟରେ ବ୍ୟବହାର କରିବା ଭଳି ଲଜ୍ଜାଜନକ ଘଟଣା ସଂପର୍କରେ ବିଶେଷ ଆଲୋଚନା ହେଉଛି । ଏ ସମ୍ପର୍କରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସଂପାଦକ ଅଲି କିଶୋର ପଟ୍ଟନାୟକ ଏକ ବିବୃତ୍ତିରେ କହିଛନ୍ତି ଯେ ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ଦେହ ବ୍ୟବସାୟ ଓ ହନିଟ୍ରାପରେ ରାଜ୍ୟର ରାଜନେତା, ପ୍ରଶାସକ, ପୋଲିସ ଅଫିସର ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସଂପୃକ୍ତି । ବିଶେଷ କରି ରାଜ୍ୟର ଦୁଇ ଶାସକଦଳ ବିଜେଡି ଓ ବିଜେପି ନେତାମାନଙ୍କର ର୍ୟାକେଟ ଚଳାଉଥିବା ମହିଳାଙ୍କ ସହ ନିବିଡ ଓ ଅନ୍ତରଙ୍ଗ ସମ୍ପର୍କ ଯୋଗୁଁ ଖୁବ୍ କମ ସମୟ ମଧ୍ୟରେ ସେ ର୍ୟାକେଟ୍ ଚାଳିକା ଓ ତାଙ୍କ ସହଯୋଗୀମାନେ ଏକ ବିରାଟ କଳଙ୍କିତ ସାମ୍ରାଜ୍ୟ ସୃଷ୍ଟି କରିପାରିଛନ୍ତି । ଏଥିରେ ଉଭୟ ଦଳର ବିଧାୟକ, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ଓ ରାଜନେତାମାନେ କୋଟି କୋଟି ଟଙ୍କା ପାଣି ପରି ଖର୍ଚ୍ଚ କରି ସାମ୍ରାଜ୍ୟ ବୃଦ୍ଧିରେ ସାହାଯ୍ୟକାରୀ ହୋଇଛନ୍ତି । ଯେଉଁ ବିଧାୟକ, ରାଜନେତା ଏବଂ ମନ୍ତ୍ରୀମାନେ ନିଜର ଲାଳସା ତୃପ୍ତି ପାଇଁ କୋଟି କୋଟି ଟଙ୍କା ରାଜା ମହାରାଜାଙ୍କ ପରି ଖର୍ଚ୍ଚ କରିବା ପାଇଁ ସକ୍ଷମ ହେଲେ ସେ ଅର୍ଥ କାହାର ? ଏଥିରୁ ରାଜ୍ୟରେ ଉଚ୍ଚସ୍ତରରେ ଦୁର୍ନୀତିରୁ ଆସୁଥିବା କଳାଟଙ୍କା କିପରି ବ୍ୟାପକ ହୋଇଛି ତାହା ପ୍ରମାଣିତ କରୁଛି । କେତେକ ରାଜନୈତିକ ନେତା, ମନ୍ତ୍ରୀ ଓ ବିଧାୟକମାନଙ୍କର ଏଥିରେ ସଂପୃକ୍ତି ଓଡିଶାର ସମ୍ମାନରେ ଆଞ୍ଚ ଆଣିଛି । ଏଭଳି କୁତ୍ସିତ କାର୍ଯ୍ୟରେ ଶାସକ ଦଳ ନେତାମାନଙ୍କର ସଂପୃକ୍ତି ଅଭିଯୋଗ ନୂଆ ନୁହେଁ । କିନ୍ତୁ, ବର୍ତ୍ତମାନର ଘଟଣାରେ ଏତେ ସଂଖ୍ୟକ ରାଜନେତା, ବିଧାୟକ, ମନ୍ତ୍ରୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ସଂପୃକ୍ତି ଯୋଗୁଁ ସମଗ୍ର ରାଜ୍ୟ ଚକିତ ହୋଇଯାଇଛି । କ୍ଷମତା ବଳରେ ଅନ୍ଧ, ବିଜେଡି ଓ ବିଜେପି ଦଳର ନେତାମାନେ ନିଜକୁ ନିରଙ୍କୁଶ ଓ ଅପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରୁଛନ୍ତି । ସ୍ୱଚ୍ଛ ଓ ଦୁର୍ନୀତୀମୁକ୍ତ ଶାସନ ବୋଲି ଦାବି କରୁଥିବା ନବୀନ ପଟ୍ଟନାୟକଙ୍କ ଶାସନରେ ଏହା ହେଉଛି ସବୁଠାରୁ କୁତ୍ସିତ ଏବଂ କଳଙ୍କିତ ଅଧ୍ୟାୟ । ଏହି ଘଟଣାରେ କେନ୍ଦ୍ର ଓ ରାଜ୍ୟ ସରକାରରେ ଥିବା ଶାସକ ଦଳ ସହିତ ପ୍ରଶାସନିକ ଓ ପୋଲିସ ଅଫିସରମାନଙ୍କ ସଂପୃକ୍ତି ଅଭିଯୋଗ ହେଉଥିବାରୁ କେନ୍ଦ୍ର କିମ୍ବା ରାଜ୍ୟର ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ ସ୍ୱଚ୍ଛ ଓ ନିରପେକ୍ଷ ନହେବା ଆଶଙ୍କା ରହିଛି । ଅତଏବ, ଘଟଣାକୁ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍.ଆଇ.ଟି) ଦ୍ୱାରା ତଦନ୍ତ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକମଣ୍ଡଳୀ ଦାବୀ କରୁଛି । ପାର୍ଟି ରାଜ୍ୟ ଦପ୍ତରରେ ଅନୁଷ୍ଠିତ ସମ୍ପାଦକମଣ୍ଡଳୀ ବୈଠକରେ ଏହି କଳଙ୍କିତ ଘଟଣା ବିରୋଧରେ ରାଜ୍ୟବ୍ୟାପୀ ପ୍ରତିବାଦ ପାଇଁ ଆହ୍ୱାନ ଦିଆଯାଇଛି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଧର୍ମଶାଳା ବିକାଶ ପରିଷଦର ସଭାପତି ଶ୍ରୀକାନ୍ତ ସାହୁଙ୍କ ୪୪ତମ ଜନ୍ମ ଦିବସ ଅବସରରେ ଏକ ରକ୍ତଦାନ ଶିବିର ଶାନ୍ତିବଜାରସ୍ଥିତ ସମ୍ରାଟ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଓଡିଶା ଡ୍ରାଇଭର ମହାସଙ୍ଘ ଧର୍ମଶାଳା ଶାଖା ସମ୍ପାଦକ ଅମୀୟ ମଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଯାଜପୁର ରେଡକ୍ରସ ପକ୍ଷରୁ ଏହି ଶିବିରରେ ୧୨୦ ୟୁନିଟ ରକ୍ତ ସଂଗୃହିତ କରାଯାଇଥିଲା । ଏହି ଶିବିରରେ ଜାରକା ଫାଣ୍ଡି ଅଧିକାରୀ ବିଦ୍ୟୁତ କୁମାର ଦେଉରୀ ଓ ବିକାଶ ପରିଷଦର ସଭାପତି ଶ୍ରୀ ସାହୁ ଅତିଥିଭାବେ ଯୋଗଦେଇଥିବା ବେଳେ ଜାରକା, ନେଉଳପୁର, ନରସିଂହପୁର ଓ କୁଆଖିଆ ବିଦ୍ୟୁତ ବିଭାଗ ସମେତ ଡ୍ରାଇଭର ସଙ୍ଘର ସଭ୍ୟମାନେ ଯୋଗଦେଇ ରକ୍ତଦାନ କରିଥିଲେ । ଏଥିରେ ବହୁ ବୁଦ୍ଧିଜୀବୀ ଓ ସାମାଜସେବୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ନବମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଚୋରମୁହାଁ ପଂଚାୟତ ନରସିଂହପୁର ଗ୍ରାମରେ ଜଣେ ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ନରସିଂହପୁର ଗ୍ରାମର ଅନନ୍ତ ରାଉତଙ୍କ ଝିଅ ଲିସା ରାଉତ (୧୫) ଘରେ କେହି ନଥିବା ସମୟରେ ସିଲିଙ୍ଗ ଫ୍ୟାନରେ ରସି ଲଗାଇ ଆତ୍ମହତ୍ୟା କରିଥିଲା । ପରିବାର ଲୋକେ ତାକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଆତ୍ମହତ୍ୟାର କାରଣ ଜଣାପଡି ନଥିବା ବେଳେ ଖବର ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଁଚି ମୃତଦେହ ଜବତ କରିବା ସହିତ ୩୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ବଡଚଣା ମେଡିକାଲ ପଠାଇ ଘଟଣାର ତଦନ୍ତ କରିଥିଲେ । ତେବେ ଲିସା ଧର୍ମଶାଳା ବାଣୀପୀଠରେ ୯ମ ଶ୍ରେଣୀରେ ପାଠ ପଢୁଥିଲେ ବୋଲି ଜଣାପଡିଛି ।

# ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ଆଧାତ୍ମିକ ଅନୁଷ୍ଠାନ ଗୀତା ଜାଗରଣ ପରିଷଦର ବୈଠକ ସଭାପତି ଆଡଭୋକେଟ୍ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ପରିଷଦର ବରିଷ୍ଠ ଉପଦେଷ୍ଟା ବନବିହାରୀ ମହାପାତ୍ର ସ୍ତୋତ୍ରପାଠ କରିଥିଲେ । ପ୍ରଥମେ ଦିବଂଗତ ପ୍ରବଚକ ନିରଞ୍ଜନ ଆର୍ଯ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବିବରଣୀ ପାଠ କରିଥିଲେ । ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ଚଳିତ ବର୍ଷର ବୋଇତ ବନ୍ଦାଣ ଉତ୍ସବ କିଭଳି ସୁରୁଖୁରୁରେ କରାଯିବ ତାହା ଉପରେ ଆଲୋଚନା କରିବାକୁ ସଭ୍ୟମାନଙ୍କୁ କହିଥିଲେ । ଗୀତାଜ୍ଞାନ ପରୀକ୍ଷାରେ ପ୍ରଶ୍ନପତ୍ର କରିବା ଲାଗି ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଦାୟିତ୍ୱ ଦିଆଗଲା । ପ୍ରବଚକମାନଙ୍କୁ ନିମନ୍ତ୍ରଣ କରିବା ଦାୟିତ୍ୱ ସମ୍ପାଦକଙ୍କୁ ଅର୍ପଣ କରାଗଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୀତାଜ୍ଞାନ ପରୀକ୍ଷାରେ ଭାଗନେବା ନିମନ୍ତେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଚିଠି କରିବା ଲାଗି ସ୍ଥିର କରାଗଲା । ଅଁଳା ନବମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସପ୍ତଦିନ ଲାଗି ଭାଗବତ କଥାମୃତ ଆଲୋଚନାରେ ଉପସ୍ଥିତ ରହୁଥିବା ଶତାଧିକ ହବିଷ୍ୟାଳୀମାନଙ୍କ ଲାଗି ଅସ୍ଥାୟୀ ଗୃହ ସହିତ ସମସ୍ତ କାର୍ଯ୍ୟ କରିବା ଲାଗି ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ତହସିଲଦାର, ପୌରପାଳିକାର ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଅଗ୍ନିଶମ ବିଭାଗ, ଯାଜପୁର ଥାନାଧିକାରୀ, ଯାଜପୁରର ସାମ୍ବାଦିକ, ବରିଷ୍ଠ ବୁଦ୍ଧିଜୀବୀ, ଯାଜପୁରର ଅଡଷଠି ତୀର୍ଥ ପଣ୍ଡା ସମିତି, ଜଗନ୍ନାଥ ମନ୍ଦିରର ସମସ୍ତ ପୂଜକଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଗଲା । ପାଲା, ଭଜନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଗଲା, ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ସ୍ୱାଇଁ, ଗଦାଧର ରାଉତ, ମନୋଜ କୁମାର ନାଥ, ଅଧିକାରୀ ନବକିଶୋର ଦାସ, ସୁବାସ ଚନ୍ଦ୍ର ମହାପାତ୍ର, ବିଜୟ ମହାପାତ୍ର, କୈଳାସ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ଶତପଥି, ଅକ୍ଷୟ କୁମାର ମିଶ୍ର, ହୃଷିକେଶ ପତି, ରବିନାରାୟଣ କର, ଅଖିଳ ମୋହନ ଦାସ, ବାସୁଦେବ ପାଣି, ଫାଗୁ ଦାସ, ଲକ୍ଷ୍ମୀନାରାୟଣ ପତି, ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସହସମ୍ପାଦକ ବୃନ୍ଦାବନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୨୯

# —କ୍ଷମା ମାନବ— ଜୀବନର ଶିରୋମଣି





କ୍ଷମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ। ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲିଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ। ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା। ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ। ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ। ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ। ଏହା ଆତ୍ମାର ସ୍ୱଭାବ। ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ। କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ। ପରମାତ୍ମା ମଧ୍ୟ ବାଙ୍କମୟୀ, ଜ୍ୟୋତିର୍ମୟୀ, ଶବ୍ଦ ବ୍ରହ୍ମମୟୀ, ପରାତ୍ପରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି। ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି। ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର। ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ।

**ଭବାଶିଷ ଦାସ,** ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩

## ଆଜିର ଅନୁଚିନ୍ତା


*ନିଜ ପାଇଁ ଏତେ ବ୍ୟସ୍ତ ହୁଅନାହିଁ। ଯିଏ ତୁମ୍ଭଙ୍କୁ ସୃଷ୍ଟି କରିଛନ୍ତି, ସେ ନିଶ୍ଚୟ ତୁମ୍ଭ ପାଇଁ ଭାବୁଛନ୍ତି।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଗାନ୍ଧିଙ୍କ ପାଇଁ ଆଠ ହଜାର ବ୍ରାହ୍ମଣ ହତ୍ୟା

**ସୌମେନ୍ଦ୍ର ଜେନା**



ଅନେକ ସମୟରେ ଇତିହାସରେ କେବଳ ବଡଲୋକଙ୍କ ପାଇଁ ସାଧାରଣ ଲୋକେ ବିନା ଅପରାଧରେ ବଳି ପଡିଥାନ୍ତି । ମୋଗଲକାଳିନ ଜିହାଦି ନରସଂହାରରୁ ଏସବୁ ଆମେ ଶୁଣି ଆସିଛୁ । କିନ୍ତୁ ସମାଜ ଭିତରେ ରାଜନେତାମାନଙ୍କ ମନରେ ସମାନ ପ୍ରକାରର ହିଂସ୍ର ମାନସିକତା ଯେ ଆଜିଯାଏ ବଞ୍ଚି ରହିଛି ତାହାର ପ୍ରମାଣ ଆମେ ସମୟ ସମୟର ଘଟଣାବଳୀରୁ ସଂଗ୍ରହ କରିପାରିବା । ଇନ୍ଦିରା ଗାନ୍ଧିଙ୍କ ହତ୍ୟାପରେ କଂଗ୍ରେସ ଦଳର ଲୋକେ ସାରାଦେଶରେ ପଞ୍ଜାବୀ ବିରୋଧୀ ଗଣସଂହାର ଆରମ୍ଭ କରିଥିଲେ । କେବଳ ନୂଆଦିଲ୍ଲୀରେ ୨୦୦୦ରୁ ଅଧିକ ସଂଖ୍ୟକ ପଞ୍ଜାବୀଙ୍କୁ ସେ ସମୟରେ ହତ୍ୟା କରାଯାଇଥିଲା । କିନ୍ତୁ ଦେଶର କୋଣାନୁକୋଣରେ ଯେଉଁ ନରସଂହାର ହୋଇଥିଲା ସେସବୁର ହିସାବ ସରକାର ରଖିନଥିଲେ, ଯାହା କେବଳ କିଛି ଛୋଟମୋଟ ସମ୍ବାଦ ଆକାରରେ ଦେଶର ଖବରକାଗଜଗୁଡିକରେ ସ୍ଥାନ ପାଇଥିଲା । ସେହି ଘଟଣାକୁ ତତ୍‌କାଳୀନ କଂଗ୍ରେସ ନେତା ରାଜିବ ଗାନ୍ଧି ବଟବୃକ୍ଷର ପତନରେ ପ୍ରତିକ୍ରିୟା ବୋଲି କହିଥିଲେ । ତାଙ୍କ ମତରେ ତାହା ଥିଲା ସ୍ୱାଭାବିକ । ଦେଶ ବିଭାଜନ ପୂର୍ବରୁ ମୁସଲିମ ଲିଗର ନେତାମାନେ ଯେମିତି ନରସଂହାରରେ ମାତିଥିଲେ, ଠିକ୍ ସେମିତି ଗାନ୍ଧିଜୀଙ୍କ ହତ୍ୟାପରେ ରେକର୍ଡ ସଂଖ୍ୟାରେ ଗଣହତ୍ୟା କରିଥିଲେ । ସ୍ୱାଧୀନତା ପରକାଳରେ କେନ୍ଦ୍ର ଓ ଅଧିକାଂଶ ରାଜ୍ୟରେ କଂଗ୍ରେସ ସରକାର ଥିବାରୁ ଗଣମାଧ୍ୟମକୁ ନିୟନ୍ତ୍ରିତ କରି ସେହି କୁକୃତ୍ୟକୁ ଲୁଚାଇବାକୁ ପ୍ରୟାସ କରାଯାଇଥିଲା । ସ୍ୱାଧୀନତା ପର କାଳର ପ୍ରଥମ ସନ୍ତ୍ରାସବାଦୀ ଭାବେ ନାଥୁରାମ ଗୋଡସେଙ୍କୁ କଂଗ୍ରେସ ଦଳ ଚିତ୍ରିତ କରିବାକୁ ଭୁଲି ନଥିଲା । କିନ୍ତୁ ଗାନ୍ଧିହତ୍ୟାର ପ୍ରତିହିଂସାରେ ଜଳୁଥିବା କଂଗ୍ରେସ ଦଳର ଲୋକେ ନାଥୁରାମ ଯେଉଁ ଚିତ୍ତପାବନ ବ୍ରାହ୍ମଣ ବର୍ଗର ଥିଲେ ସେହି ବର୍ଗର ଲୋକମାନଙ୍କୁ ଖୋଜି ଖୋଜି ହତ୍ୟା କରାଯାଇଥିଲା । ଲୋକମାନଙ୍କର ଘର ପୋଡି ଧ୍ୱଂସ କରାଯାଇଥିଲା । ସେହି ବର୍ଗର ବ୍ରାହ୍ମଣମାନଙ୍କୁ ଚାକିରିରୁ ବାହାର କରିବା ଲାଗି ସାମାଜିକ ସ୍ତରରେ କଂଗ୍ରେସ ଲୋକେ ପ୍ରଚାର ଅଭିଯାନ ଚଳାଇଥିଲେ । ଏପରିକି ଏହି ବର୍ଗର ଲୋକଙ୍କୁ ଘରଭଡାରେ ରଖିଥିବା ଲୋକେ ଭୟରେ ଘରର ସୁରକ୍ଷା ଦୃଷ୍ଟିରୁ ମଧ୍ୟ ବାହାର କରିଦେଇଥିଲେ ।

ବିରଳା ହାଉସ ପ୍ରାର୍ଥନା ସଭାରେ ୩୦ ଜାନୁଆରୀ ୧୯୪୮ରେ ଗାନ୍ଧିଜୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଏହି ଘଟଣାର ଅଳ୍ପ କେଇଘଣ୍ଟା ପରେ ସମଗ୍ର ମହାରାଷ୍ଟ୍ରରେ ହିଂସାକାଣ୍ଡ ବ୍ୟାପିଯାଇଥିଲା, ଯାହା ପରବର୍ତ୍ତୀ ୪/୫ଦିନ ପର୍ଯ୍ୟନ୍ତ ଚାଲୁ ରହିଥିଲା । କଂଗ୍ରେସର ଲୋକେ ସେହି ସଂଗଠିତ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ । ସେମାନଙ୍କୁ ଜୈନ, ଲିଙ୍ଗାୟତ ଏବଂ ଅନ୍ୟାନ୍ୟ ବ୍ରାହ୍ମଣ ବିରୋଧୀ ଗୋଷ୍ଠୀ ସାହାଯ୍ୟ କରିଥିଲେ । ଚିତ୍ତପାବନ ବ୍ରାହ୍ମଣମାନଙ୍କର ଘରଦ୍ୱାର ସମେତ କଳକାରଖାନାଗୁଡିକୁ ମଧ୍ୟ ନିଆଁରେ ପୋଡି ନଷ୍ଟ କରିଦିଆଯାଇଥିଲା । କଂଗ୍ରେସ ଲୋକେ ସେଥିପାଇଁ କିରୋସିନ, ତେଲ ଡବା ସହ ଲୁହା ରଡ ଏବଂ ଦିଆସିଲି ଧରି ଗଳିକୁ ଗଳି ବୁଲି ବୁଲି ବ୍ରାହ୍ମଣମାନଙ୍କ ଘରେ ଅଗ୍ନି ସଂଯୋଗ କରୁଥିଲେ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ରବାଦୀ ହିନ୍ଦୁନେତା ବିନାୟକ ଦାମୋଦର ସାବରକରଙ୍କ ଭାଇ ବୀର ନାରାୟଣ ସାବରକରଙ୍କୁ ପଥରମାଡ କରି ହତ୍ୟା କରାଯାଇଥିଲା । ନାରାୟଣ ସାବରକର ସ୍ୱାଧୀନତା ସଂଗ୍ରାମରେ ଭାଇ ବିନାୟକ ଦାମୋଦରଙ୍କ ବଡ ସହାୟକ ଥିଲେ । ଉକ୍ତ ହିଂସାକାଣ୍ଡରେ ମରାଠାମାନେ ଅଧିକ ସଂଖ୍ୟାରେ ସାମିଲ ଥିଲେ । ସାବରକର ଭାଇ ନାରାୟଣଙ୍କ ମୃତ୍ୟୁରେ ଲେଖିଥିଲେ, "ଭାରତ ପାଇଁ ସେ ଅବିରତ କାର୍ଯ୍ୟ କରିଥିଲେ । ଲୋକମାନଙ୍କ କଲ୍ୟାଣ ପାଇଁ ସେ କାର୍ଯ୍ୟ କରୁଥିଲେ । ଇଂରେଜମାନଙ୍କ ବିରୁଦ୍ଧରେ ସେ ସଂଘର୍ଷ କରୁଥିଲେ । ଭାରତମାତାଙ୍କ ମୁକ୍ତି ପାଇଁ ସେ ଲଢିଥିଲେ । ଯେଉଁମାନଙ୍କ ପାଇଁ ସେ ଏକଦା ଲଢିଥିଲେ, ସେହି ଭାଇମାନଙ୍କ ପଥର ମାଡରେ ତାଙ୍କର ମୃତ୍ୟୁ ହୋଇଛି ।"

ଗାନ୍ଧିହତ୍ୟାର ପ୍ରତିହିଂସା ସ୍ୱରୂପ ମହାରାଷ୍ଟ୍ରରେ କୋହ୍ଲାପୁର, ସୋଲାପୁର, ସତାରା, ସାଙ୍ଗଲୀ, ପୁନେ ଆଦି ଜିଲ୍ଲାଗୁଡିକରେ ଚିତ୍ତପାବନ ବ୍ରାହ୍ମଣମାନେ ମୁଖ୍ୟତଃ ଟାର୍ଗେଟ ହୋଇଥିଲେ । ସେହି ହିଂସାକାଣ୍ଡରେ ଅନେକ ଲୋକେ ମୃତ୍ୟୁବରଣ କରିଥିଲେ । ଗୃହଦାହ ପରେ ବଞ୍ଚିଥିବା ଲୋକେ ଗ୍ରାମଛାଡି ଅନ୍ୟ ରାଜ୍ୟକୁ ପଳାୟନ କରିଥିଲେ । କେବଳ ସତାରା ଜିଲ୍ଲାରେ ୧୦୦୦ରୁ ଅଧିକ ସଂଖ୍ୟକ ଗୃହଦାହ ହୋଇଥିବା ବିଷୟ ସରକାରୀ ରେକର୍ଡରେ ରହିଛି । ଗୋଡ୍‌ସେ ସାଂଙ୍ଗ୍ଯା ଥିବା ଲୋକମାନଙ୍କୁ ଖୋଜି ଖୋଜି ଲୋକେ ହତ୍ୟା କରିଥିଲେ । ତାହା ଥିଲା ସ୍ୱାଧୀନ ଭାରତର ପ୍ରଥମ ଜାତିଭିତ୍ତିକ ଗଣହତ୍ୟା ।

ସେହି ଗଣହତ୍ୟାରୁ ବଞ୍ଚିଯାଇଥିବା ବ୍ୟକ୍ତିମାନେ ପରବର୍ତ୍ତୀ କାଳରେ ସେମାନଙ୍କ ଅନୁଭୂତିକୁ ସାଧାରଣରେ ପ୍ରକାଶ କରିଛନ୍ତି । ସତାରାର ଅରବିନ୍ଦ କୋହ୍ଲଟକର ସେମାନଙ୍କ ଭିତରୁ ଜଣେ । ପୁନେଠାରୁ ପ୍ରାୟ ୧୧୦କିମି ଦୂରରେ ଥିଲା ତାଙ୍କର ଘର । ତାଙ୍କର ପରିବାର ଏକ ଅଣବ୍ରାହ୍ମଣ ଜନବସତି ମଧ୍ୟରେ ରହିଥିଲେ । ହିଂସାକାରୀମାନେ ଘର ଆସବାବପତ୍ର, ଛାପା ମେସିନ, ଟାଇପ ରାଇଟର ଆଦି ସବୁକିଛିକୁ ସଂଗଠିତ ଢଙ୍ଗରେ କିପରି ନଷ୍ଟ କରିଥିଲେ, ସେ ବିଷୟରେ ସେ ଚିକିନିଖି ବର୍ଣ୍ଣନା କରିଛନ୍ତି ।

କହିବାକୁ ଗଲେ ସ୍ୱାଧୀନତା ସଂଗ୍ରାମରେ ଚିତ୍ତପାବନ ବ୍ରାହ୍ମଣମାନେ ବେଶ୍ ଆଗରେ ଥିଲେ । ମହାଦେବ ରାନାଡେ, ଗୋପାଳକୃଷ୍ଣ ଗୋଖଲେ, ଲୋକମାନ୍ୟ ବାଳଗଙ୍ଗାଧର ତିଳକ, ବିନାୟକ ଦାମୋଦର ସାବରକର ଆଦି ସମସ୍ତେ ଥିଲେ ଏହି ବର୍ଗର ଅନ୍ତର୍ଗତ । କେବଳ ସେତିକି ନୁହେଁ ମରାଠା ସାମ୍ରାଜ୍ୟର ମେରୁଦଣ୍ଡ ସାଜିଥିବା ପେଶୱାମାନେ ଥିଲେ ଚିତ୍ତପାବନ ବ୍ରାହ୍ମଣ । ମହାରାଷ୍ଟ୍ରରେ ଏପରି ଅନେକ ଗୋଷ୍ଠୀ ରହିଥିଲେ, ଯେଉଁମାନେ ପେଶୱାମାନଙ୍କର ଏହି ପ୍ରତିଷ୍ଠାକୁ ଧ୍ୱଂସ କରିବା ଲାଗି ମନେମନେ ସ୍ଥିର କରିଥିଲେ । ଗାନ୍ଧିଙ୍କ ମୃତ୍ୟୁ ସେମାନଙ୍କ ପାଇଁ ବିଲେଇ କପାଳକୁ ଶିକା ଛିଡିବା ପରି ସୁଯୋଗ ଆଣିଦେଇଥିଲା । ସେମାନେ ମଧ୍ୟ ସଂଗଠିତ ଢଙ୍ଗରେ ପେଶୱାମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ ।

ନାଥୁରାମଙ୍କ ଭାଇ ଗୋପାଳ ଗୋଡସେଙ୍କ ଝିଅ ହିମାନୀ ସାବରକର ନାରାୟଣ ସାବରକରଙ୍କ ବୋହୂ ଥିଲେ । ପେଶାରେ ଜଣେ ଆର୍କିଟେକ୍ଟ ହେଲେ ମଧ୍ୟ ହିମାନୀଙ୍କ ମାଧ୍ୟମରେ ଦୁଇ ପରିବାର ମଧ୍ୟରେ ଗଭୀର ସଂପର୍କ ରହିଥିଲା, ଯାହା କଂଗ୍ରେସର ଲୋକମାନଙ୍କୁ ଆଦୌ ଭଲ ଲାଗୁ ନ ଥିଲା । ତେଣୁ ନାଥୁରାମଙ୍କୁ ବିରୋଧ କରିବା ଆଳରେ ସେମାନେ ଗତ ୭୫ବର୍ଷ କାଳ କେବଳ ସାବରକରଙ୍କୁ ହିନ୍ଦୁବାଦୀ ଗାନ୍ଧି ହତ୍ୟାକାରୀ କହି ସମାଲୋଚନା କରିଆସିଛନ୍ତି । ହେଲେ ସାବରକର ଥିଲେ ମହାନ କ୍ରାନ୍ତିକାରୀ ନେତା । ୧୯୦୪ରେ ସେ 'ଅଭିନବ ଭାରତ' ନାମରେ ଏକ କ୍ରାନ୍ତିକାରୀ ସଂଗଠନ ଗଢିଥିଲେ । ୧୯୫୨ରେ ସେ ଅଭିନବ ଭାରତକୁ ବନ୍ଦ କରିଦେଇଥିଲେ । ଅଖିଳ ଭାରତୀୟ ହିନ୍ଦୁ ମହାସଭାର ସେ ଥିଲେ ପ୍ରାଣପ୍ରତିଷ୍ଠାତା । ଉତ୍କଳମଣି ଗୋପବନ୍ଧୁ ଦାସ ଏହି ସଂଗଠନର ଓଡିଶା ଶାଖାର ସଭାପତି ଦାୟିତ୍ୱ ନେଇଥିଲେ । ସାବରକର ଅଭିନବ ଭାରତ ମାଧ୍ୟମରେ ବ୍ରିଟିଶ ବିରୋଧୀ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ । ୨୦୦୬ରେ ଏହି ସଂଗଠନକୁ ସେନାଧିକାରୀ ଲେଫ୍ଟନାଣ୍ଟ ପ୍ରସାଦ ପୁରୋହିତଙ୍କ ସମେତ ଅନ୍ୟମାନେ ପୁନର୍ବାର ଆରମ୍ଭ କରିବା ପରେ କଂଗ୍ରେସ ଦଳର ଟାର୍ଗେଟକୁ ଆସିଥିଲେ । ମାଲେଗାଁ ବୋମା ବିସ୍ଫୋରଣ ଘଟଣାରେ ପୁରୋହିତଙ୍କୁ ଗିରଫ କରାଯାଇଥିଲା । ସେତେବେଳେ ମହାରାଷ୍ଟ୍ର ସ୍ପେଶାଲ ଟାସ୍କ ଫୋର୍ସ ହିମାନୀଙ୍କ ବୟାନକୁ ରେକର୍ଡଭୁକ୍ତ କରିଥିଲେ । କାରଣ ସଂଗଠନର ସେ ଥିଲେ ଅଧ୍ୟକ୍ଷା । ଇସଲାମିକ ସନ୍ତ୍ରାସବାଦକୁ କେବଳ ପୁଲିସ କିମ୍ବା ସେନା ଦ୍ୱାରା ନୁହେଁ ହିନ୍ଦୁମାନେ ପ୍ରଚଣ୍ଡ ବିରୋଧ କରିବା ଆବଶ୍ୟକ ବୋଲି ସେ କହୁଥିଲେ । ଦେଶରେ ବଢୁଥିବା ଇସଲାମିକ ସନ୍ତ୍ରାସବାଦୀଙ୍କ ବିସ୍ଫୋରଣଜନିତ କାଣ୍ଡକୁ ଦେଖି ହିନ୍ଦୁମାନେ ହାତଗୋଡ ଯାକି ବସିରହିବା ଅନୁଚିତ ବୋଲି ସେ କହୁଥିଲେ । କଣ୍ଟାକୁ କଣ୍ଟାରେ କଢାଯିବା ଦରକାର ବୋଲି ତାଙ୍କର କଠୋର ମତ ଥିଲା । ହିମାନୀଙ୍କ ପରିବାର ପିତ୍ରାଳୟରୁ ଶ୍ୱଶୁରାଳୟ ପର୍ଯ୍ୟନ୍ତ ଚିତ୍ତପାବନ ବ୍ରାହ୍ମଣ ହୋଇଥିବା ଯୋଗୁ କଂଗ୍ରେସର ଟାର୍ଗେଟରେ ରହିଆସିଛନ୍ତି । ଗାନ୍ଧିହତ୍ୟା ପରେ କଂଗ୍ରେସ ସରକାର ଯେପରି ସାବରକରଙ୍କୁ ଗିରଫ କରି ଜେଲରେ ଭର୍ତ୍ତି କରିଥିଲେ, ପରେ ସେମିତି ହିମାନୀଙ୍କ ସହଯୋଗୀଙ୍କୁ ମଧ୍ୟ ଗିରଫ କରିଥିଲେ । କିନ୍ତୁ ଜଣେ ବ୍ୟକ୍ତିର ହତ୍ୟାରେ ପ୍ରତିଶୋଧ ନେବାପାଇଁ ୮୦୦୦ ବ୍ୟକ୍ତିଙ୍କ ଗଣହତ୍ୟା ସ୍ୱାଧୀନ ଭାରତର ଏକ କଳଙ୍କିତ ଅଧ୍ୟାୟ ବୋଲି କହିବାକୁ ହେବ ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଶହୀଦ ସଂଗ୍ରାମୀ–ଜୟୀ ରାଜଗୁରୁ

**––––––––––ଅକ୍ଷୟ କୁମାର ରାଉତ––––––––––**





ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀକୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଦଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜାଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟାମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟାମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟୀ ରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତିପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟୀ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଧର୍ଷ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷାକରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉ ନ ଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁସଂଖ୍ୟାରେ ଜୟୀ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟୀ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟସଂଖ୍ୟା ବୃଦ୍ଧି କଲେ। ତା'ପରେ ପାଇକମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତ କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟୀ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା' ବଦଳରେ ଏକ ଘୋଡା କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ। ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାମଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରେଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୁଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା' ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟୀ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟୀ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟୀ ରାଜଗୁରୁ ଦୁର୍ଗରୁ ପଳାଇଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧାଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ। କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟୀ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତା'ପରେ କର୍ଣ୍ଣେଲ ହାର୍‌କୋଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଲିତୋଟାଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା। ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସର ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।

*-ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ. ନଂ.- ୯୯୩୭୬୯୧୪୭୫*

# କୃଷି ଦୁନିଆ



# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡ଼ୁଛି, ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା–ବିଶ୍ୱଜିତ ମଲ୍ଲିକ*

## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ, ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା – ଟମାଟୋ, ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ। ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡ଼ିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡ଼ିଆ କତା,



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ



ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡ଼ିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡ଼ିକ ପାଣିରେ ବୁଡ଼ି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡ଼ିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡ଼ିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢ଼ିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।



ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା – କଂକ୍ରିଟ, କାଚ, କାଠ ଇତ୍ୟାଦି..

ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ, ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚାଷ କଲେ ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚାଷ କରୁଥିଲେ ସର୍ବଦା ବଜାର ଚାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚୟନ ଏବଂ ଖାଦ୍ୟ ସାର ପରିଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚାଳନା କଲେ ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚୟନ**

ଗାଁ ଗହଳି ରେ ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି, ଉତ୍କଳ କେଶରୀ, ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି, ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚାଷକରି ଅନାବନା ଘାସ ବାଛି ୩ ରୁ ୪ ଫୁଟ ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା, ୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ, ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ, ୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଚ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।


ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ – ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :– ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :–ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :– ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ପୋଲିସ ପାଖରେ ବିଦେଶୀଙ୍କ ତଥ୍ୟ ମୁକୁଳା !!



ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସର ଦକ୍ଷତା, ପ୍ରତିବଦ୍ଧତା, ସାଧୁତା ଓ କର୍ତ୍ତବ୍ୟନିଷ୍ଠତା ଯଥେଷ୍ଟ ଆଗରେ ଓ ପ୍ରଶଂସନୀୟ ମଧ୍ୟ। ଅନେକ ଘଡ଼ିସନ୍ଧି ମୁହୂର୍ତ୍ତ ଓ ପ୍ରତିକୂଳ ପରିବେଶରେ ପୋଲିସ ବିଭାଗ କାର୍ଯ୍ୟ କରିଥାଏ। ତେବେ ଜାତୀୟ ସୁରକ୍ଷା ସମ୍ବନ୍ଧିତ ବିଦେଶୀଙ୍କ ତଥ୍ୟ ପୋଲିସ ପାଖରେ ସବିଶେଷ ରହୁନଥିବାରୁ ଅନେକ ସମୟରେ ନାନା ଅଘଟଣ ସୃଷ୍ଟି ହେଉଛି। ଏକ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ୧୫ହଜାରରୁ ଉର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଗସ୍ତ କରୁଛନ୍ତି। ବୌଦ୍ଧ ବିମଣ୍ଡିତ ହୀରକ ତ୍ରିଭୁଜ କ୍ଷେତ୍ର ବା ଦ୍ୱୈତନଗରୀ କଟକ -ଭୁବନେଶ୍ୱର ସେମାନଙ୍କର ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର।

ଏହାବ୍ୟତୀତ ଅନେକ ବିଦେଶୀ ବିଶେଷଜ୍ଞ, ଗବେଷକ, ଛାତ୍ରଛାତ୍ରୀ ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ। ଆଇନ ଅନୁଯାୟୀ ବିଦେଶୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ଇଣ୍ଡିଆନ ଭିସା ଫରେନର ରେଜିଷ୍ଟର ଆକ୍ଟ ଅନୁସାରେ ସ୍ଥାନୀୟ ପୋଲିସ ପାଖରେ ଅପରିହାର୍ଯ୍ୟ ଭାବେ ରହିବା କଥା। ସେହିପରି ହୋଟେଲ ହେଉ ବା କମ୍ପାନୀ, ଶିକ୍ଷାନୁଷ୍ଠାନ ବା ଡାକ୍ତରଖାନା ସେମାନଙ୍କ ପାଖକୁ ଆସୁଥିବା ବିଦେଶୀ ମାନଙ୍କ ସବିଶେଷ ତଥ୍ୟ ତାଲିକା ତତ୍କାଳ ସ୍ଥାନୀୟ ପୋଲିସକୁ ଦେବା କଥା।

ମାତ୍ର କେତେକ ହାତଗଣତି କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ ଯାଗାରେ ପୋଲିସ ଏ ତଥ୍ୟ ପାଉନାହିଁ। ଯାହାଦ୍ୱାରା ପରବର୍ତ୍ତୀ ସମୟରେ କୌଣସି ଅଘଟଣ ଘଟିଲେ ପୋଲିସର ତଦନ୍ତ ବାଉଳା ହୋଇଯାଉଛି। ବିଦେଶୀ କଲଗାର୍ଲ ର୍‍ୟାକେଟ ହେଉ ବା ବ୍ୟାଙ୍କ ଠକେଇ, ବର୍ତ୍ତମାନ ସାଇବର ଠକେଇରେ ବିଦେଶୀ ମାନଙ୍କ ସହଯୋଗ ଓଡ଼ିଶା ପୋଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ୨୦୧୫ରେ ରାଜ୍ୟକୁ ୧୪ ହଜାର ୫୨୬ଜଣ, ୨୦୧୬-୧୭ରେ ୧୮୩୧୨ଜଣ ଓ ୨୦୧୭-୧୮ରେ ୧୫୬୯୧ଜଣ ଓଡ଼ିଶା ଆସିଛନ୍ତି। ହେଲେ ଏମାନଙ୍କ ଭିତରୁ ସମସ୍ତଙ୍କ ତଥ୍ୟ ଓଡ଼ିଶା ପୋଲିସ ପାଖରେ ନାହିଁ। ସେମାନେ କେଉଁ ଉଦ୍ଦେଶ୍ୟରେ, କେତେ ଦିନ ପାଇଁ ଅନୁମୋଦିତ ଭିସା ଆଇନ ଦ୍ୱାରା ଏବଂ କେଉଁ ବ୍ୟକ୍ତିବିଶେଷ ବା ସଂସ୍ଥାର ସହଯୋଗରେ ଏଠାକୁ ପହଞ୍ଚିଛନ୍ତି ଏ ତଥ୍ୟ ପୋଲିସ ପାଖରେ ରହୁନାହିଁ।

୨୦୧୭ ଅକ୍ଟୋବର ୧୭ରେ ବିଦେଶୀ ପର୍ଯ୍ୟଟକ ଓ ଅପରାଧୀ ମାନଙ୍କ ଉପରେ କଡ଼ା ନଜର ପାଇଁ କମିସନରେଟ ପୋଲିସ ଏକ ବିଧିବଦ୍ଧ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲା। ହୋଟେଲ ରହୁଥିବା ବିଦେଶୀ ମାନଙ୍କ ସମସ୍ତ ପରିଚୟ ଓ ରହଣୀ ଅବଧି ସ୍ଥାନୀୟ ପୋଲିସକୁ ପ୍ରଦାନ ସହ ହୋଟେଲର ପ୍ରବେଶ ପ୍ରସ୍ଥାନ ଫାଟକ, ପାର୍କିଂ ସ୍ଥାନ ଓ ସମସ୍ତ ଅଞ୍ଚଳରେ ବାଧ୍ୟତାମୂଳକ ଭାବେ ସିସିଟିଭି ଲଗାଇବା ସହ, ଲଗେଜ ସ୍କାନର ଦ୍ୱାରା ସେମାନଙ୍କ ଜିନିଷପତ୍ର ସ୍କାନ କରିବା ସହ ମେଟାଲ ଡିକ୍ଟେଟର ଲଗାଇବା ବାଧ୍ୟତାମୂଳକ କରାଯାଇଥିଲା।

ହୋଟେଲର ପଞ୍ଜୀକରଣ ସଠିକ ସମୟରେ ନବୀକରଣ କରିବା ସହ ନିର୍ଦ୍ଦିଷ୍ଟ ସମୟରେ ବାର ବନ୍ଦ କରିବା ପାଇଁ ଆଇନର ବ୍ୟବସ୍ଥା ରହିଛି। ଅଗ୍ନିନିର୍ବାପକ ବ୍ୟବସ୍ଥା ସହ ଫାୟାର ସେଫ୍ଟି ଡ୍ରିଲକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଉଛି ଏହି ଗାଇଡ୍ ଲାଇନ ଯେପରି ପାଣିରେ ପଡ଼ିଛି। ବଜାର ତୁଳନାରେ କମ୍ ମୂଲ୍ୟରେ ଓଡ଼ିଶାରେ ପର୍ଯ୍ୟାପ୍ତ ଭ୍ରମଣ ଓ ଆନୁସଙ୍ଗିକ ସୁବିଧା ସୁଯୋଗ ରହିଥିବାରୁ ଏବଂ ଓଡ଼ିଶା ଏକ ଶାନ୍ତିପ୍ରିୟ ଭ୍ରମଣ ଓ ନିରାପଦଜନିତ ସୁନିଶ୍ଚିତ ରାଜ୍ୟ ହୋଇଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ୁଛି। କୋଣାର୍କ, ଗୋପାଳପୁର, ଶିମିଳିପାଳ ସହ ବିଭିନ୍ନ ଅଭ୍ୟାୟରଣ୍ୟ ଓ ହଲିଡେ ରିସୋଟ୍‌ରେ କିଛିଦିନ ବିତାଇବା ପାଇଁ ବିଦେଶୀମାନେ ଭାରତର ଓଡ଼ିଶା ରାଜ୍ୟକୁ ଅଗ୍ରାଧିକାର ଦେଉଛନ୍ତି।

ସେହିପରି ଓଡ଼ିଶାରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ମହୋତ୍ସବ ଓ ବିଭିନ୍ନ ସଂସ୍ଥାଗତ ସମ୍ମିଳନୀ ହେଉଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ସେହିପରି ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାରେ ସେମାନଙ୍କ ବ୍ୟବସାୟିକ କ୍ଷେତ୍ର ଓ ପ୍ରକଳ୍ପ ଗଢ଼ି ଉଠୁଥିବାରୁ ସେଠାରେ କାର୍ଯ୍ୟ କରିବା ପାଇଁ ଓ ଗବେଷଣା ନିମିତ୍ତ ବିଦେଶୀ ମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ୁଛି। କୌଣସି ପର୍ଯ୍ୟଟକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାନୀୟ ପୋଲିସର ସୂଚନାରେ ନ ରହୁଥିବାରୁ ସେମାନଙ୍କର ଭିସା ଅବଧି ଜଣାପଡୁନାହିଁ। ଯାହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନଙ୍କ ଦ୍ୱାରା କୌଣସି ଅଘଟଣ ଘଟିଲେ ଏହାର ଟେର ପୋଲିସ ପାଉନାହିଁ। ତଦନ୍ତ ମଧ୍ୟ ବାଟବଣା ହୋଇଯାଉଛି। ବିଦେଶୀଙ୍କ ତଥ୍ୟ ପୋଲିସ ପାଖରେ ସଠିକ ଭାବରେ ରହୁନଥିବାରୁ ପ୍ରଶାସନ ହରଡଘଣାରେ ପଡୁଛି।

୨୦୧୨ରେ ଇଟାଲୀ ନାଗରିକ ବସୁସ୍କୋ ପାଉଲୋ ଓ କ୍ଲାଉଡିଓ କୋଲାଞ୍ଜିଲୋ ମାଓ ଉପଦ୍ରବ ଅଞ୍ଚଳରେ ବୁଲି ଯାଇଥିବାବେଳେ ମାଓବାଦୀଙ୍କ ଦ୍ୱାରା ଅପହରଣ ହୋଇ ପରେ ସେମାନଙ୍କୁ ମୁକୁଳାଇବା ପାଇଁ ଓଡ଼ିଶା ପୋଲିସ ଓ ସରକାରଙ୍କୁ ଝାଳନାଳ ହେବାକୁ ପଡ଼ିଥିଲା। ସେହିପରି ୨୦୧୬ ମାର୍ଚ୍ଚ ୨୩ରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ବିଦେଶିନୀଙ୍କୁ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟରେ ଧରାଯାଇଥିଲା।

୨୦୧୭ ଜୁଲାଇ ୨୩ରେ ଭୁବନେଶ୍ୱର ଶ୍ରୀୟା ଛକ ନିକଟ ଫୁଟପାଥରୁ ପୋଲିସ ଜଣେ ବିଦେଶିନୀଙ୍କୁ ନିଶାସକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ ଯିଏକି ସେକ୍ସ ର୍‍ୟାକେଟରେ କାର୍ଯ୍ୟରତ ବୋଲି ସ୍ପଷ୍ଟ ହୋଇଥିଲା। ୨୦୧୭ ନଭେମ୍ବର ୧୭ରେ ଖାରବେଳ ନଗର ପୋଲିସ ନିକଟ ଅଞ୍ଚଳରୁ ଏକ ସ୍ପା ସେଣ୍ଟରରୁ ତିନିଜଣ ଥାଇଲ୍ୟାଣ୍ଡ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେମାନେ ଟୁରିଷ୍ଟ ଭିସାରେ ଦେହ ବ୍ୟବସାୟରେ ଲିପ୍ତ ଥିଲା ବୋଲି ପୋଲିସ ସ୍ପଷ୍ଟ କରିଥିଲା।

୨୦୧୮ ମେ ୧୯ରେ ବାପୁଜୀ ନଗର ଏକ ସ୍ପା ସେଣ୍ଟରରୁ ଆଠଜଣ ଥାଇଲ୍ୟାଣ୍ଡ ଯୁବତୀ ଉଦ୍ଧାର ହୋଇଥିଲେ। ବିଦେଶୀ ମାନଙ୍କୁ ଗିରଫ କଲାପରେ ପ୍ରବାସୀ ଆଇନ ଅନୁଯାୟୀ ଓଡ଼ିଶା ପୋଲିସ ସମ୍ପୃକ୍ତ ଦୂତାବାସ ସହ ଯୋଗାଯୋଗ କରି ଆଇନଗତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେବେ ଓଡ଼ିଶା ପୋଲିସ୍‌ରେ ଦିନକୁ ଦିନ କର୍ମଚାରୀ ସଂଖ୍ୟା କମ୍ ଥିବାବେଳେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବ୍ୟତୀତ ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ପୋଲିସ ଉପରେ ବଡ଼ ଚାପ ସୃଷ୍ଟି କରୁଛି।

ସେହିପରି ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଅନେକ ବିଦେଶୀ ଅପରାଧୀ ସ୍ଥାନୀୟ ପୋଲିସର ସାମାନ୍ୟ ନଜର ସୁରାକ୍ କରି ଫେରାର ହୋଇଯିବାକୁ ପଛାଉ ନାହାଁନ୍ତି। ଭାରତର ସୀମାକୁ ଲାଗିଥିବା ପାକିସ୍ଥାନ, ବାଙ୍ଗଲାଦେଶ, ମିଆଁମାର ଓ ନେପାଳ ଦେଶର ଅନେକ ଅପରାଧୀ ସନ୍ତର୍ପଣରେ ସୀମାରେ ଅନୁପ୍ରବେଶ କରି ଅସାମାଜିକ କାର୍ଯ୍ୟ ପରେ ଫେରାର ହୋଇଯାଉଛନ୍ତି। ତେବେ ବିଦେଶୀଙ୍କ ତଥ୍ୟ ରଖିବା ଯାଞ୍ଚ ଓ ଅପରାଧୀକ କାର୍ଯ୍ୟ ତଦନ୍ତ ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସେଲ ଗଠନ ହେବା ଜରୁରୀ। ସେହିପରି କୋର୍ଟରେ ଏହି ମାମଲାକୁ ଫାଷ୍ଟଟ୍ରାକ୍ ମାମଲା ଭାବେ ବିଚାର କରି ତ୍ୱରିତ ଶୁଣାଣି ପାଇଁ ଆଇନଜୀବୀ ଓ ବିଚାରପତିଙ୍କ ମନୋନୟନ ଅତ୍ୟନ୍ତ ପ୍ରାସଙ୍ଗିକ। ଭାରତର ବିଭିନ୍ନ ରାଜ୍ୟରେ ଏହି ମାମଲା ପାଇଁ ସରକାରୀ ଭାବେ ସ୍ୱତନ୍ତ୍ର ସେଲ ରହିଥିବାବେଳେ ଓଡ଼ିଶାରେ କିନ୍ତୁ ଓଲଟା। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବାକୁ ହେଲେ ଓଡ଼ିଶା ପୋଲିସ ଏ ଦିଗଟିକୁ ଅଣଦେଖା ନକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଅତ୍ୟନ୍ତ ଜରୁରୀ।

**-ଯୁଧିଷ୍ଠିର ମହାରଣା**
*ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮*

# ବିଚିତ୍ରବାବୁ ଏବେ ସ୍ମୃତିର ମଣିଷ



ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି:- ***"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।"***

ଅର୍ଥାତ ଆତ୍ମା ଅଜର ଓ ଅମର। ଆତ୍ମାକୁ ନା କେହି ଶସ୍ତ୍ରରେ ମାରିପାରିବ ନା କେହି ନିଆଁରେ ପୋଡିପାରିବ, କିମ୍ବା ଜଳ ତଥା ପବନ ଏହାର କୌଣସି କ୍ଷତି କରିପାରିବ। ଆତ୍ମାର କେବେ ଅନ୍ତ ହୁଏ ନାହିଁ; କାରଣ ପରମେଶ୍ୱର ଶରୀର ରୂପୀ ମନ୍ଦିରରେ "ଆତ୍ମା ରୂପରେ ଅବସ୍ଥାନ କରିଥାନ୍ତି। କିନ୍ତୁ ଶରୀର କୁମାର, ଯୌବନ ଏବଂ ଜରା ଅତିକ୍ରମ କଲାପରେ ନଷ୍ଟ ହୋଇଯାଏ। ଯାହାକୁ ଆମେ ମୃତ୍ୟୁ ବୋଲି କହୁ ଯାହା ପ୍ରତ୍ୟେକ ଜୀବପାଇଁ ଚିରନ୍ତନ ସତ୍ୟ। କିନ୍ତୁ ମନୁଷ୍ୟ ସମାଜ ପାଇଁ ଏହା ଏପରି ଏକ ସତ୍ୟ, ଯାହାକୁ ସହଜରେ ଗ୍ରହଣ କରି ହୁଏନାହିଁ।

ଆଜି ଶୋକ ଓ ସନ୍ତାପର ସହିତ ଏପରି ଏକ ଦିବ୍ୟ ଆତ୍ମା ପାଇଁ ମୁଁ ପଦେ ଲେଖିବାକୁ ଯାଉଛି ଯିଏ ହେଲେ ସ୍ୱର୍ଗତଃ ବିଚିତ୍ର କୁମାର ବଡଜେନା। ଏଇ ଖୋର୍ଦ୍ଧାମାଟିର ସେ ଥିଲେ କୃତି ସନ୍ତାନ। ସଂସାରରେ ସବୁ ଫୁଲ ଫୁଟେ ଆଉ ଫୁଟିଲା ପରେ ତା' ମହକରେ ମହକାଇ ଦିଏ ସାରା ସଂସାରକୁ। ଫୁଲଟି ମଉଳି ଗଲାପରେ ମଧ୍ୟ ତା' ସୁରଭି ସମସ୍ତଙ୍କ ହୃଦୟତନ୍ତ୍ରୀକୁ ଝଙ୍କୃତ କରୁଥାଏ। ସେହିପରି ଫୁଲଟିଏ ଥିଲେ ଆମ ବିଚିତ୍ର କୁମାର ବଡଜେନା (ଡୁଡୁ ଭାଇ)। ଏକ ମହାନ ସଂଯୋଗର ଅଧିକାରୀ ଥିଲେ ସେ, ଯେଉଁ ମାସରେ ଆବିର୍ଭାବ ସେହି ମାସରେ ତିରୋଧାନ। ୨।୧୦। ୧୯୫୦ ମସିହାରେ ଏହି ପବିତ୍ର ଆତ୍ମା ବିଶିଷ୍ଟ କମ୍ୟୁନିଷ୍ଟ ନେତା ପୂର୍ଣ୍ଣଚନ୍ଦ୍ର ବଡଜେନା ଓ ମାତା ମୀନାମାଳୀ ବଡଜେନାଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାଟି ଦିନରୁ ତାଙ୍କର ସାମାଜିକ ପ୍ରତିବଦ୍ଧତା ବିକଶି ଉଠିଥିଲା। ସମ୍ଭ୍ରାନ୍ତ ଓ ଜମିଦାର ପରିବାରରେ ଜନ୍ମଲାଭ କରି ସୁଦ୍ଧା ନ୍ୟାୟପାଳିକା କ୍ଷେତ୍ରରେ, ସମାଜସେବା କ୍ଷେତ୍ରରେ, ଓଡିଆ ଭାଷା ସାହିତ୍ୟର ପ୍ରଚାର କ୍ଷେତ୍ରରେ ଏବଂ ମାନବିକ ମୂଲ୍ୟବୋଧକୁ ମର୍ଯ୍ୟାଦା ଦେବାରେ ସେ ଥିଲେ ଏ ମାଟିର ଜଣେ ସୁଯୋଗ୍ୟ ସନ୍ତାନ।

ମା' ମୀନାମାଳୀ ବଡଜେନା ଖୋର୍ଦ୍ଧା ବଣିଆ ଟାଙ୍ଗୀର ଜଣେ ନାରୀନେତ୍ରୀ ଯେ କି ନାରୀମାନଙ୍କର ସୁଖ ଦୁଃଖରେ ଅଂଟାଭିଡି ଠିଆ ହେଉଥିଲେ। ମା'ଙ୍କର କିଛି ଛାପ ତାଙ୍କ ଉପରେ ପଡିଥିଲା। ଡୁଡୁ ଭାଇଙ୍କ କର୍ମମୟ ଜୀବନ ଥିଲା ପ୍ରତ୍ୟେକଙ୍କ ପାଇଁ ଅନୁକରଣୀୟ। ସମସ୍ତଙ୍କ ପାଇଁ ତାଙ୍କ ପ୍ରାଣ ସଦାସର୍ବଦା ବିଳପି ଉଠୁଥିଲା। କାଇପଦର ସ୍ଥିତ ଛତିପୁରଠାରେ ରେଲୱେ ଷ୍ଟେସନ୍ କାର୍ଯ୍ୟରେ ଉକ୍ତ ଗ୍ରାମବାସୀଙ୍କୁ କାର୍ଯ୍ୟ କରୁଥିବା କମ୍ପାନୀ ମାଧ୍ୟମରେ ନିଯୁକ୍ତି ଦେବାରେ ତାଙ୍କର ଭୂମିକା ଥିଲା ଅବିସ୍ମରଣୀୟ। ସେ ଜଣେ ଶାନ୍ତ, ସରଳ, ଉତମ ଚରିତ୍ର ତଥା ହସ ହସ ସ୍ୱଭାବର ମଣିଷ ଥିଲେ। ଅଧିବକ୍ତା ହିସାବରେ ସେ ନିଜେ ମହକିଲମାନଙ୍କୁ ଅନେକ ସାହାଯ୍ୟ କରିବା ସହ କେବେହେଲେ ବିରକ୍ତିଭାବ ପ୍ରକାଶ କରୁ ନ ଥିଲେ। ସେ ଥିଲେ ଖୋର୍ଦ୍ଧା ଓକିଲ ସଂଘର ପ୍ରଥମ ସଭାପତି। ରାଜ୍ୟ ଓକିଲ ମହାସଂଘର ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀର ରାଜ୍ୟ ସମ୍ପାଦକ, ପ୍ରଥମ ସରକାରୀ ଓକିଲ ଏବଂ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚର ଉପଦେଷ୍ଟା। ଖୋର୍ଦ୍ଧାର ବିଶିଷ୍ଟ ଶିକ୍ଷାବିତ୍ ଭୀମସେନ ପ୍ରଧାନ କୁହନ୍ତି ଡୁଡୁବାବୁ ଥିଲେ ଜଣେ ସଂଗ୍ରାମୀ। ଯେତେବେଳେ ସେ ଅବିଭକ୍ତ କୋରାପୁଟ ଓ ଗଜପତି ଜିଲ୍ଲାରେ ସ୍କୁଲ ଇନସ୍‌ପେକ୍ଟର ଭାବେ କାର୍ଯ୍ୟରତ ଥିଲେ ସେତେବେଳେ ବିଚିତ୍ର ବଡଜେନା ତାଙ୍କର ମାର୍ଗଦର୍ଶନରେ ବିଚ୍ଛିନ୍ନାଂଚଳରେ ଓଡିଆ ଭାଷାର ଉନ୍ନତିକଳ୍ପେ ଓଡିଆ ବହି ବଂଟନ କରିବା ସହ ଓଡିଆ ଭାଷାକୁ ପ୍ରଗତିପଥରେ ନେବାପାଇଁ ଉଦ୍ୟମ ଜାରି ରଖିଥିଲେ। ସେହିପରି ପ୍ରଫେସର ସୁରେନ୍ଦ୍ର ମୋହନ ମିଶ୍ର ଭାବବିହ୍ୱଳ ହୋଇ କହିଥିଲେ, ବିଚିତ୍ରବାବୁ ଅଣଲେଉଟା ପୁରକୁ ଯିବା ପୂର୍ବରୁ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିନେଇଛନ୍ତି। ତାଙ୍କ ଜୀବନରେ ସଦାଚାରର ଏପରି ଏକ ଫୁଲ ଫୁଟିଥିଲା, ଯାହାର ସୁଗନ୍ଧରେ ସେ ନିଜେ ଏବଂ ତାଙ୍କର ବ୍ୟକ୍ତିତ୍ୱ ଉଭୟ ବିକଶିତ ହୋଇଥିଲା।

ଏତେସବୁ କୋଳାହଳମୟ ଜୀବନଟି ଶୁନସାନ ନୀରବତାରେ ହଠାତ୍ ବଦଳିଯାଏ। କର୍ତ୍ତବ୍ୟବୋଧରେ ପ୍ରତି ମିନିଟ୍‌କୁ ସାଉଁଟି ପକାଉଥିବା ମଣିଷ, ସବୁରି ଭିତରେ ଶ୍ରେୟତାର ସ୍ୱର ଉତ୍ତୋଳନ କରୁଥିବା ମଣିଷ, ସଂସ୍କୃତି ସାହିତ୍ୟ ଭାଷାପ୍ରୀତି ଯାହାର ଆତ୍ମାର ଅଭିସାର ସବୁ ସମୟରେ ନିଜକୁ ଚକ ପରି ଗଡ଼େଇ ନେଇଥିବା ପ୍ରାଣ ହଠାତ୍ ଯେ ନିଷ୍ପ୍ରାଣ ହୋଇଯିବ ଭାବିଲେ ଆତ୍ମା ଶିହରୀ ଉଠେ। ରାଧାନାଥଙ୍କ ଭାଷାରେ-***"ବଡ଼ କ୍ରୁର କାଳ, ବଡ଼ ଅବିଶ୍ୱାସୀ, ହାବୋଡ଼ି ଯିବ ସେ ଆଚମ୍ବିତେ ଆସି।"***

ତା୧୯.୧୦.୨୦୨୨ରିଖରେ ସମସ୍ତଙ୍କୁ ଶୋକସାଗରରେ ଭସାଇ ସେ ଅଣଲେଉଟା ପୁରକୁ ଚାଲିଗଲେ। ଯଦିଓ ଆଜି ସେ ଆମ ଗହଣରେ ନାହାଁନ୍ତି ସତ, ମାତ୍ର ତାଙ୍କର ସତ୍‌କର୍ମ ତାଙ୍କୁ ଆମ ଭିତରେ ବଂଚାଇ ରଖିଛି। କାଳଚକ୍ର ସମସ୍ତଙ୍କୁ ଗ୍ରାସ କରିଥାଏ; ମାତ୍ର ମଣିଷ କରିଥିବା କୀର୍ତିକୁ ଗ୍ରାସ କରିପାରେନା। ଯଦିଓ ତାଙ୍କର ପଂଚଭୂତର ଶରୀର ପଂଚଭୂତରେ ବିଲୀନ ହୋଇଯାଇଛି, ତଥାପି ସେ କରିଥିବା କୀର୍ତି ତାଙ୍କୁ ଯଶୋଦେହେ ଆୟୁଷ୍ମାନ କରି ରଖିଛି କାରଣ କଥାରେ ଅଛି- "କୀର୍ତି ଯସ୍ୟ ସଃ ଜୀବତି।" ସର୍ବଶେଷରେ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଏତିକି ପ୍ରାର୍ଥନା, ତାଙ୍କର ପବିତ୍ର ଆତ୍ମାର ସଦ୍‌ଗତି ହେବାସହ ତାଙ୍କ ଦୁଃଖାଭିଭୂତ ପରିବାରକୁ ବିଶ୍ୱନିୟନ୍ତା ଜଗତର ନାଥ ଜଗନ୍ନାଥ ଧୈର୍ଯ୍ୟ ଓ ସାହସ ଦେବା ସହ ଡୁଡୁ ଭାଇଙ୍କ ପବିତ୍ର ଆତ୍ମାର ସଦ୍‌ଗତି କାମନା ସହ ଜଗନ୍ନାଥଙ୍କ ପଦାରବିନ୍ଦରେ ବିଲୀନ ହେଉ, ଏତିକି ମାତ୍ର ତାଙ୍କ ନିକଟରେ ବରିଷ୍ଠ ନାଗରିକ ମଂଚର ନିବେଦନ। ***—ଜୟ ଜଗନ୍ନାଥ—***

**—ଉମାଶଙ୍କର ପ୍ରସାଦ**
*ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

## ଦେଓଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଂଚ ସତ୍ୟରଂଜନ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ମହାରଣା ଉପସ୍ଥିତ ଥିଲେ। ସାଧାନା କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ସା ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ଦଳଗତ ବିତର୍କ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଜୟଶ୍ରୀ ରାଉତ, ସ୍ମରିତା ଜେନା, ଲୀନାରାଣୀ ସାହୁ, ଅନନ୍ତ ଚରଣ ସାହୁ, ଅରୂପାନନ୍ଦ ମିଶ୍ର, ରଶ୍ମିରଂଜନ ରାଉତ, ଅନିଶା ରାଉତ, ତୃପ୍ତି ପଣ୍ଡା, ନିରୁପମା ବେହେରା, ରତିକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶଙ୍କର୍ଷଣ ଜେନା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିର୍ମୟୀ ପତି, ଶୁଭଶକ୍ତି ସାହୁ, ଦେବାଶିଷ ରାଉତ ଓ ନାରାୟଣ ସେଠୀ ସହଯୋଗ କରିଥିଲେ।

## ପୁଅର ପନିକି ଚୋଟରେ ବାପା ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତରେ ପୁଅର ପନିକି ଚୋଟରେ ବାପା ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ଚିକିତ୍ସା କରାଯାଉଛି। କୌଣସି କାରଣକୁ ନେଇ ଗତ ୨୩ ତାରିଖ ଅପରାହ୍ଣରେ ନିଶାସକ୍ତ ପୁଅ ଉତ୍ୟକ୍ତ ହୋଇ ଏକ ପନିକିରେ ବାପାଙ୍କ ମୁଣ୍ଡର ଏକାଧିକ ସ୍ଥାନରେ ଚୋଟ ପକାଇଥିଲା। ପରିବାର ଲୋକ ତୁରନ୍ତ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ଖବରପାଇ ପୁଲିସ୍ ଅଭିଯୁକ୍ତ ପୁଅକୁ ଥାନାକୁ ଧରି ନେଇଥିଲା। ତେବେ ପରିବାର ମଧ୍ୟରେ ଉକ୍ତ ଘଟଣାକୁ ସମାଧାନ କରି ଦିଆଯାଇଥିବା ଜଣାପଡ଼ିଛି।

## ପତ୍ନୀହନ୍ତା ସ୍ୱାମୀକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଆଜୀବନ କାରାଦଣ୍ଡାଦେଶ

ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ଏକ ହତ୍ୟା ମାମଲାର ବିଚାର କରି ପତ୍ନୀହନ୍ତା ସ୍ୱାମୀକୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ବିରିଜଙ୍ଗା(ବାରୁଣା) ଗ୍ରାମର ମନୋଜ କୁମାର ମଲିକଙ୍କ ପତ୍ନୀ ବବିତା ମଲିକ ଗତ ୨୦୧୬ ମସିହା ମଇମାସ ୧୮ତାରିଖରେ ପାଟକୁରା ଥାନାରେ ଦେଇଥିବା ଏତଲା ଅନୁଯାଇ ସେହି ଥାନା ଅନ୍ତର୍ଗତ ଅଣ୍ଡାଳ ଗ୍ରାମର ସୁଲଭ ଓରଫ ପ୍ରଦିପ ମଲିକଙ୍କ ପତ୍ନୀ ତଥା ତାଙ୍କ ନଣଦ ମାନସୀ ମଲିକ(୨୯) ପାରିବାରିକ ଗଣ୍ଡଗୋଳ ହେତୁ ପ୍ରାୟ ୫ମାସ ହେବ ଦୁଇ ପୁଅଙ୍କ ସହ ବବିତାଙ୍କ ଘରେ(ବାପଘରେ) ରହି ଆସୁଥିଲା। ମାନସୀର ସ୍ୱାମୀ ପ୍ରଦିପ ସେମାନଙ୍କର କୌଣସି ଭଲମନ୍ଦ ଖବର ବୁଝୁନଥିଲେ। ମାନସୀ ତାଙ୍କ ବାପଘର ନିକଟ ବିଲକୁ ଯାଇଥିବା ବେଳେ ଗତ ୨୦୧୬ମସିହା ମଇମାସ ୧୮ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ପ୍ରଦିପର ପୁଅ ଅଜୟ ଆସି ଖବର ଦେଲା ଯେ ତା' ବାପା ବିଲରେ ବୋଉକୁ କ'ଣ ପଚାରୁଛନ୍ତି। ଏକଥା ଶୁଣି ମାନସୀର ମା' ଓ ଭାଉଜ ବବିତା ଏବଂ ତା'ର ଦୁଇପୁଅ ବିଲକୁ ଯାଇ ଦେଖନ୍ତି ତ ମାନସୀର ସ୍ୱାମୀ ପ୍ରଦିପ ମାନସୀର ହାତକୁ ଟାଣି ଧରି ଏକ କଟୁରୀରେ ମାନସୀକୁ ହାଣି ପକାଉଛନ୍ତି। ସେମାନେ ଘଟଣାସ୍ଥଳକୁ ଦୌଡି ଯିବାରେ ପ୍ରଦିପ ସେଠାରୁ କଟୁରୀ ସହ ପଳାଇ ଯାଇଥିଲା। ବିଲ ଭିତରେ ମାନସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲା। ସେମାନେ ମାନସୀ ମୁହଁରେ ପାଣି ଛାଟିଥିଲେ। କିନ୍ତୁ ମାନସୀ ସେତେବେଳେକୁ ମରିଯାଇଥିଲା ବୋଲି ବବିତା ତାଙ୍କ ଏତଲାରେ ଦର୍ଶାଇଥିଲେ। ସୁଲଭ ମାନସୀକୁ କଟୁରୀରେ ହାଣି ମାରିଦେଇଥିବା ମଧ୍ୟ ବବିତା ଅଭିଯୋଗ କରିଥିଲେ। ବବିତାଙ୍କ ଅଭିଯୋଗକୁ ଭିତ୍ତିକରି ପାଟକୁରା ଥାନାରେ ୧୪୧/୨୦୧୬ରେ ଏକ ହତ୍ୟା ମାମଲା ପୋଲିସ ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲିସ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ଜି.ଆର. କେଶ ନମ୍ବର ୮୭୪/୨୦୧୬ ଏବଂ ଏସ.ଟି. କେଶ ନମ୍ବର ୮୯/୨୦୧୭ରେ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ସେହି ମାମଲାର ଶୁଣାଣି ଚାଲିଥିଲା। ଅଦାଲତ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଗୁରୁବାର ଅଭିଯୁକ୍ତ ସୁଲଭ ଓରଫ ପ୍ରଦିପ ମଲିକଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ୩୦୨ଦଫାରେ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିବା ସହ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସଞ୍ଜୟ କୁମାର ଜେନା ମକଦ୍ଦମା ପରିଚାଳନା କରୁଥିଲେ।

## ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ଆଦର୍ଶର ପ୍ରତୀକ 'ଉତ୍କଳମଣି ଗୋପବନ୍ଧୁ'



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ସ୍ଥାନୀୟ ଗୋପବନ୍ଧୁଛକ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରି ବରିଷ୍ଠ ସାମ୍ବାଦିକ, ଚିନ୍ତକ ତଥା ଅଧ୍ୟକ୍ଷ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ମତ ବ୍ୟକ୍ତ କରିଥିଲେ ଯେ, ଉତ୍କଳମଣି ଥିଲେ ବିଶ୍ୱର ମଉଡ଼ମଣି ତଥା ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ସ୍ୱାଭିମାନ, ଅସ୍ମିତାର ପ୍ରତୀକ। ଏହାସହିତ ତାଙ୍କ ସମାଜସେବା, ସାମ୍ବାଦିକତା, ସଂଗ୍ରାମୀ ଜୀବନ ସହିତ ମାତୃଭାଷା, ସାହିତ୍ୟ ପ୍ରମୁଖର ସାରସ୍ୱତ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଆଜିର ଯୁବପିଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍କଳମଣିଙ୍କୁ 'ଭାରତରତ୍ନ' ପ୍ରଦାନ କରିବାର ସମୟ ଆସିଛି ବୋଲି ଶ୍ରୀଯୁକ୍ତ ଶତପଥୀ କହିବା ସହିତ ଯୁବ ସମାଜସେବୀ ସଞ୍ଜୟ ପରିଡ଼ାଙ୍କୁ 'ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମୃତିଚାରଣ ସଭାରେ ଅନୁସଚିବ ଲକ୍ଷ୍ମୀଧର ବେହେରା, ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ସୀତାବଲ୍ଲଭ ମହାପାତ୍ର, ଅରବିନ୍ଦ ତ୍ରିପାଠୀ, ରୋହିତ କୁମାର, ଦିଲ୍ଲୀପ ଦାସଶର୍ମା, ବିଜୟ ପରିଡ଼ା ଯୋଗ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସଂଯୋଜକ ନାରାୟଣ ଓଝା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମାଙ୍କଡ଼, କୁକୁର ଉପଦ୍ରବରେ ଲୋକେ ଅତିଷ୍ଠ : ପ୍ରଶାସନର ନିଘା ନାହିଁ

ସାଲେପୁର, (ପି.ଏନ): ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଦିନକୁ ଦିନ ମାଙ୍କଡ ଓ କୁକୁରମାନଙ୍କର ପାର୍ଦୁଭାବ ବଢିବଢି ଚାଲିଛି । କୁକୁର ଓ ମାଙ୍କଡମାନଙ୍କର ଆଶାତୀତ ବଂଶ ବୃଦ୍ଧି ଘଟିବାରୁ ସେମାନେ ସଠିକ୍ ଭାବେ ଖାଦ୍ୟ ନପାଇ ହିଂସ୍ର ହୋଇଯାଉଥିବା ଦେଖାଯାଇଛି । ଏହି ପଶୁମାନେ ହିଂସ୍ର ପାଲଟିଯାଉଥିବାରୁ ସମାଜରେ ଲୋକମାନଙ୍କର ବହୁ କ୍ଷତି ସାଧନ କରୁଛନ୍ତି । ବିଶେଷ କରି କୁକୁରମାନଙ୍କର ବଂଶବୃଦ୍ଧି କମାଇବା ପାଇଁ ବନ୍ଧ୍ୟାକରଣ କରାଯିବା ଏବଂ ମାଙ୍କଡମାନଙ୍କୁ ଜନଗହଳି ପୂର୍ଣ୍ଣ ଅଂଚଳରୁ ନିଆଯାଇ ଜଙ୍ଗଲରେ ସୁରକ୍ଷିତ ଭାବେ ଛଡାଯିବା ପାଇଁ ଅନେକ ଥର ବ୍ଲକ ଓ ତହସିଲ ପ୍ରଶାସନ ନିକଟରେ ଲୋକମାନେ ଅଭିଯୋଗ କରୁଥିଲେ ମଧ୍ୟ ସେମାନେ ଏଥିପ୍ରତି ଦୃଷ୍ଟି ଦେଉ ନାହାଁନ୍ତି । ଯାହାଦ୍ୱାରା ଲୋକମାନେ ପ୍ରତିମୁହୂର୍ତରେ ବିଭିନ୍ନ ସମସ୍ୟାରେ ପଡୁଥିବା ସହିତ ବହୁ କ୍ଷତି ସହୁଛନ୍ତି । ବେଳେବେଳେ ରାସ୍ତା ଉପରେ ମାଙ୍କଡ ପଲ ବସିରହୁଥିବାରୁ ବାଟୋଇମାନେ ଯାତାୟାତ ପାଇଁ ଭୟଭୀତ ହେଉଥିବା ବେଳେ କୁକୁରମାନେ ମଧ୍ୟ ଅତର୍କିତ ଭାବେ ଆସି ଲୋକମାନଙ୍କୁ କାମୁଡି ପକାଉଥିବା ଦେଖାଯାଇଛି । ଏପରିକି ବିଭିନ୍ନ ବିଦ୍ୟାଳୟ ଚାଲୁଥିବା ବେଳେ ପାଖରେ ଥିବା ମାଙ୍କଡମାନେ ହିଂସ୍ର ପାଲଟି ଛାତ୍ର ଛାତ୍ରୀମାନଙ୍କୁ ଆକ୍ରମଣ କରୁଥିବା ଦେଖାଯାଇଛି । ଗତ ଶୁକ୍ରବାର ଦିନ ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠର ସପ୍ତମ ଶ୍ରେଣୀର ଛାତ୍ରୀ ଶୁଭସ୍ମିତା ବେହେରା ଶ୍ରେଣୀ ଗୃହ ସମ୍ମୁଖରେ ଠିଆ ହୋଇଥିଲା ବେଳେ ମାଙ୍କଡପଲରୁ ଗୋଟିଏ ମାଙ୍କଡ ବାହାରି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା ।ସେହିପରି ସରପଡା ଗ୍ରାମର ୨/୩ ଜଣ ମାଙ୍କଡ କାମୁଡାରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ମାଙ୍କଡମାନଙ୍କର ବଂଶ ବୃଦ୍ଧି ଯୋଗୁ ବିଭିନ୍ନ ପନିପରିବାର ଚାଷ ଓ ବାଡିରେ ଲଗାଯାଇଥିବା କଦଳୀ, ଅମୃତ ଭଣ୍ଡା, ପିଜୁଳି, କରମଙ୍ଗା ସମେତ ଅନ୍ୟାନ୍ୟ ଫଳ ବହୁ ମାତ୍ରାରେ ପ୍ରଭାବିତ ହେଉଛି । ଏପରିକି ଫୁଲ ଗଛର ପତ୍ର ଓ କଢକୁ ମଧ୍ୟ ମାଙ୍କଡମାନେ ଖାଇ ଦେଉଥିବା ଦେଖାଯାଇଛି । ସେହିଭଳି କୁକୁରମାନେ ମଧ୍ୟ ହିଂସ୍ର ହୋଇ ଅନେକ ସମୟରେ ଲୋକମାନେ ପାଳିଥିବା ଛେଳି, ମେଣ୍ଢା, କୁକୁଡା ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କର ବହୁତ କ୍ଷତି କରୁଛନ୍ତି । ଗତ ତିନିଦିନ ତଳେ ସରପଡା ଗ୍ରାମର ବିଚିତ୍ରାନନ୍ଦ ପୃଷ୍ଟିଙ୍କ ଏକ ନବଜାତ ବାଛୁରୀକୁ କୁକୁର ପଲ ଆକ୍ରମଣ କରି ଖାଇଦେଇଥିବା ଜଣାଯାଇଛି । ଏହାଛଡା ବିଦ୍ୟାଳୟକୁ ଯିବା ସମୟରେ ଛାତ୍ର ଛାତ୍ରୀମାନଙ୍କୁ କାମୁଡିବାକୁ ଗୋଡାଇବା ଏବଂ ରାସ୍ତାରେ ବାଇକ ଯିବା ସମୟରେ ହଠାତ୍ ବାଇକ୍ ଆଗକୁ ପଶିଯିବାରୁ ଦୁର୍ଘଟଣା ଘଟି ଲୋକମାନଙ୍କର ବହୁ କ୍ଷତି ହେଉଥିବା ଦେଖିବାକୁ ମିଳିଛି । ତୁରନ୍ତ ଉପଦ୍ରବ କରୁଥିବା କୁକୁର ମାଙ୍କଡପଲଙ୍କୁ ଆୟତରେ ରଖିବା ପାଇଁ କଟକ ଜିଲ୍ଲାପାଳଙ୍କ ଠାରେ ବ୍ଲକ ଅଂଚଳବାସୀ ଦାବି କରିଛନ୍ତି ।

# ଶିବାନନ୍ଦ ଆଶ୍ରମ ପକ୍ଷରୁ ତୁଳସୀ କ୍ଷେତ୍ରରେ ପଂଚୁକ ହବିଷ୍ୟାଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଗରାପୁର ସ୍ଥିତ ଦିବ୍ୟ ଜୀବନ ସଂଘ ଓ ଶିବାନନ୍ଦ ଆଶ୍ରମ ପକ୍ଷରୁ ତୁଳସୀକ୍ଷେତ୍ର ଶ୍ରୀ ବଳଦେବଜୀୟୁଙ୍କ ପୀଠରେ ପଂଚୁକ ହବିଷ୍ୟାଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଥିବା ସୂଚନା ମିଳିଛି । କାର୍ତିକ ପଂଚୁକ ବ୍ରତ ପାଳନ କରୁଥିବା ଏହି ହବିଷ୍ୟାଳି ମାନଙ୍କ ପାଇଁ ଆଶ୍ରମ ପକ୍ଷରୁ ରହିବା ଓ ଖାଦ୍ୟପେୟ ବ୍ୟବସ୍ଥା କରାଯିବ । ଏନେଇ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଓ ସଂପାଦକ ଶରତ ଚନ୍ଦ୍ର ପାତ୍ର ଜିଲ୍ଲା ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିବା ଜଣାପଡିଛି । ନଭେମ୍ବର ୩ ତାରିଖ ଠାରୁ ୮ ତାରିଖ କାର୍ତିକ ପୂର୍ଣ୍ଣମା ପର୍ଯ୍ୟନ୍ତ ଏହି ହବିଷ୍ୟାଳି ମାନେ ଅବସ୍ଥାନ କରି ବ୍ରତ ପାଳନ କରିବା ବ୍ୟବସ୍ଥା କରାଯାଇଛି ।

# ରାଧାଦାମୋଦର ପୂଜାରେ କମ୍ପୁଛି ଶ୍ରୀକ୍ଷେତ୍ର

ପୁରୀ, (ପି.ଏନ): ପବିତ୍ର ତୀର୍ଥକ୍ଷେତ୍ର ଶ୍ରୀକ୍ଷେତ୍ର । ଧର୍ମମାସ କାର୍ତିକ । କାର୍ତିକ ମାସରେ ରାଧାଦାମୋଦର ପୂଜା କଲେ ଅନେକ ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଦ୍ୱାପର ଯୁଗରେ ଗୋପୀମାନେ ଏହି ପୂଜା କରୁଥିଲେ । ଶ୍ରୀମନ୍ଦିରରେ ଏକ ମାସ ଧରି ଶ୍ରୀଜୀଉମାନଙ୍କର ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଛି । କାର୍ତିକରେ ଶେଷ ପାଂଚଦିନ ପଂଚୁକରେ ମହାପ୍ରଭୁଙ୍କର ପାଂଚଦିନ ଯାକ ବିଭିନ୍ନ ବେଶ ଅନୁଷ୍ଠିତ ହେବ । ମହାପ୍ରଭୁଙ୍କୁ ଦର୍ଶନ, କାର୍ତିକ ପୁରାଣ ଶ୍ରବଣ, ପଂଚତୀର୍ଥରେ ସ୍ନାନ, ଚଉରା ମୂଳରେ ରାଧାଦାମୋଦର ପୂଜା, ହବିଷ୍ୟାଅନ୍ନ ପାଳନ ଓ ସଂଧ୍ୟାରେ ଆକାଶଦୀପ ପୂଜା କରିବା ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ପ୍ରାୟ ନଅ ହଜାର ହବିଷ୍ୟାଳୀଙ୍କ ଆଗମନ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ତିନି ହଜାର ହବିଷ୍ୟାଳି ରହିବା ପାଇଁ ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର ଫାଉଣ୍ଡେସନ ବିଲିଡ଼ିଂ, ମୋଚିସାହି କଲ୍ୟାଣ ମଣ୍ଡପ ଓ ବାଗେଡ଼ିଆ ଧର୍ମଶାଳାରେ ରହଣି ବ୍ୟବସ୍ଥା ହୋଇଛି । କାର୍ତିକ ମାସଯାକ ଶ୍ରୀକ୍ଷେତ୍ରରେ ଭୋର ୪ଟାରୁ ଧାର୍ମିକ ମାହୋଲ ଦେଖାଦେଇଛି । ମହୋଦଧି କୂଳ, ମାର୍କଣ୍ଡେୟ ପୁଷ୍କରିଣୀ, ଶ୍ୱେତଗଙ୍ଗା ପୁଷ୍କରିଣୀ, ନରେନ୍ଦ୍ର ପୁଷ୍କରିଣୀ ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ହବିଷ୍ୟାଳୀମାନେ ରାଇଦାମୋଦର ପୂଜା କରୁଥିବାର ଦେଖିବାକୁ ମିଳିଛି । ଏହାସହ ଶ୍ରୀକ୍ଷେତ୍ର ସାହିବାସିନ୍ଦା ହବିଷ୍ୟାଳିମାନେ ଦାଣ୍ଡ ଦୁଆର ଓ ଛାତ ଉପରେ ଥିବା ବୃନ୍ଦାବତୀ ଚଉରା ମୂଳରେ ରାଧାଦାମୋଦର ପୂଜା କରୁଛନ୍ତି । ଘରୋଇ ହବିଷ୍ୟଳିମାନେ ହବିଷ୍ୟ ପାଇଁ ଓଉ, ମୁଗ ଡ଼ାଲି, ଅଦା, ସାରୁ, କଂଚା କଦଳୀ, ପାଳୁଅ, କନ୍ଦମୂଳ ଆଦି ପରିବା କିଣି ହବିଷ୍ୟ ଅନ୍ନ ରନ୍ଧନ କରି ବିନା ଫୁଟଣ ଓ ହଳଦୀରେ ମୁଗଡ଼ାଲମା ପ୍ରସ୍ତୁତ କରି ସୂର୍ଯ୍ୟାସ୍ତ ପୂର୍ବରୁ ଗୋଟିଏ ଥର ଅନ୍ନ ଭୋଜନ କରୁଥିବା ଦେଖିବାକୁ ମିଳିଛି । ଅନେକ ହବିଷ୍ୟାଳି ମହାପ୍ରସାଦ ସେବନ କରୁଛନ୍ତି । ଶ୍ରୀଜୀଉଙ୍କ ଦର୍ଶନ କରିବା ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ହବିଷ୍ୟାଳିମାନଙ୍କ ଭିଡ଼ ଲାଗି ରହୁଛି । ହବିଷ୍ୟାଳି କେନ୍ଦ୍ରରେ ଥିବା ହବିଷ୍ୟାଳିମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରକୁ ଯିବା ପାଇଁ ଗାଡ଼ି ଓ ଗାଇଡ଼ ବ୍ୟବସ୍ଥା କରାଯାଇଛି । ଏହାସହ ହବିଷ୍ୟାଳି କେନ୍ଦ୍ରମାନଙ୍କରେ କାର୍ତିକ ମାହାତ୍ମ୍ୟ ପୁରାଣ ବ୍ରାହ୍ମଣ ପାଠ କରି ହବିଷ୍ୟାଳିମାନଙ୍କୁ ବୁଝାଉଛନ୍ତି । ଏହା ସହ ଭଜନ, କୀର୍ତନ ସହ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଉଛି । ବିଭିନ୍ନ ମଠ, ମନ୍ଦିର ଓ ଧର୍ମଶାଳାରେ କାର୍ତିକ ମାହାତ୍ମ୍ୟ ସହ ଗୀତା ଭାଗବତ ପଠନ କରାଯାଉଛି । ଏବେ ଶ୍ରୀକ୍ଷେତ୍ରରେ ଧାର୍ମିକ ବାତାବରଣ ସୃଷ୍ଟି ହୋଇଛି ।

# ବାଧା ପାଉଛି ଚାଷ, କେନାଲ ସଫେଇ ପାଇଁ ଅଭିଯୋଗ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗର ୧୪ ନଂ କେନାଲ ଓ ୧୩ ନଂର ଅଧା କେନାଲ ସଂପୂର୍ଣ୍ଣ ଦଳରେ ଭର୍ତି ହୋଇ କେନାଲ ପୋତି ହୋଇ ଯାଇଥିବା ଏବଂ ପାଣି ନଆସିବାର ସ୍ଥାନୀୟ ଚାଷୀମାନେ ଜଳ ସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଓ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସେଠୀ ତୁରନ୍ତ ଛତା ଏସଡିଓ ଏବଂ ଅନ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବାପରେ କେନାଲରେ ଦଳ ସଫା କରିବା କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡିଛି । ଉକ୍ତ ଅଂଚଳର ହଜାର ହଜାର ଚାଷୀ କେନାଲରେ ପାଣି ନଆସିବାରୁ ସେମାନଙ୍କର ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରି ଆସୁଥିଲେ । ବଡ ମୂଳବସନ୍ତ ପଂଚାୟତର ସରପଂଚ ସନ୍ତୋଷ କୁମାର ସେଠୀଙ୍କ ନେତୃତ୍ୱରେ ଗୁରୁବାର ଶତାଧିକ ଚାଷୀ ଉପ ଜିଲ୍ଲାପାଳ ଶ୍ରୀ ବହେରା ଓ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସେଠୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦ୍ରାପଡ଼ା, (ପି.ଏନ): ଓଡିଶାରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ସଫଳ ରୂପାୟନ କ୍ଷେତ୍ର ଅଧିକାରୀ ମାନଙ୍କ ପାଇଁ ଜିଲ୍ଲା ସ୍ତରୀୟ ଏକ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଯୋଜନା ସଂଯୋଜକ ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାର କ୍ଷେତ୍ର ସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା କରାଯିବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାରେ ଏକ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଓ ପାରିବେଶିକ ବିକାଶ କୁ ସୁନିଶ୍ଚିତ କରିବା ପାଇଁ ମିଳିତ ଜାତି ସଂଘ ପକ୍ଷରୁ ୨୦୧୫ ମସିହାରେ ୧୭ ଟି ପ୍ରମୁଖ ଲକ୍ଷ୍ୟକୁ "ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ" ବା ଏସଡିଜି ଭାବେ ଚିହ୍ନଟ କରାଯାଇଛି । ସେହି ଲକ୍ଷ୍ୟ ଗୁଡିକୁ ୨୦୩୦ ସୁଦ୍ଧା ହାଲସ କରିବା ଲାଗି ରାଜ୍ୟ ସରକାର ଆବଶ୍ୟକ ଖସଡା ଓ ପଦକ୍ଷେପ ନେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ୨ ଦିନିଆ କର୍ମଶାଳାକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଉଦ୍‌ଘାଟନ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କର ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ପ୍ରଦିପ କୁମାର ଜେନା, ଜିଲ୍ଲାର ସମସ୍ତ ବିଭାଗର ଏସଡିଜି ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ପୁରଣ କରିବା ପାଇଁ ବାର୍ତା ଦେଇଥିଲେ । ଜିଲ୍ଲା ଏସଡିଜିର ନୋଡାଲ ଅଧିକାରୀ ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ଏହି କର୍ମଶାଳାରେ ଯୋଗ ଦେଇ ଜିଲ୍ଲାର ୧୮ଟି ବିଭାଗର ସରକାରୀ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ୨ଟି ଗ୍ରାମ ପଂଚାୟତର ସରପଂଚ ଭାଗ ନେଇଥିଲେ । ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ କରାଯାଇ ଥିବା ୧୭ଟି ଲକ୍ଷ୍ୟ କିପରି ହାସଲ ହୋଇ ପାରିବ ସେ ବିଷୟରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଥିଲା । "ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ" ୨୦୩୦ ଏଜେଣ୍ଡାରେ ରାଜ୍ୟରୁ ଦାରିଦ୍ର ସଂପୂର୍ଣ୍ଣ ଦୂରୀକରଣ, ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରି କ୍ଷୁଧାମୁକ୍ତ ରାଜ୍ୟ ଗଠନ କରିବା, ସମସ୍ତଙ୍କ ପାଇଁ ପୋଷଣ ମୁକ୍ତ ଖାଦ୍ୟ ଉପଲବ୍ଧ କରାଇବା, ଗୁଣାତ୍ମକ ଶିକ୍ଷା ସହ ଲୋକଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇବା, ମହିଳା ସଶକ୍ତିକରଣ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରାଇବା, ଲିଙ୍ଗଗତ ଅସାମନତା ଦୂର କରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀଜ ଜଳ ସୁନିଶ୍ଚିତ କରିବା, ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା, ଜଳବାୟୁ ପରିବର୍ତନ ଏବଂ ଏହାର ପ୍ରଭାବର ମୁକାବିଲା କରିବା ପାଇଁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ତଥା ସ୍ଥାନୀୟ ସମ୍ବଳର ଉଚିତ୍ ବ୍ୟବହାର କରିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାସଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ରାଜ୍ୟ ଏସ୍‌ଡିଜି ସେଲର ସହକାରୀ ନିର୍ଦ୍ଦେଶିକା ଅର୍ଚ୍ଚିତା ଦାସ, ଡ଼ଃ ଉପାସନା ମହାପାତ୍ର, ଅର୍ଥନୀତି କ୍ଷେତ୍ର ବିଶେଷଜ୍ଞ (ପିଏମୟୁ, ଏସ୍‌ଡିଜେ) ପ୍ରଦିପ କୁମାର ପଣ୍ଡା, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ଅର୍ଦ୍ଧ୍ୟା ପ୍ରଧାନ, ଜିଲ୍ଲା ପରିଷଦ କାର୍ଯ୍ୟକ୍ରମ ପ୍ରବନ୍ଧକ ଅବଦୁଲ ରେହେମାନ ଖାନ ପ୍ରମୁଖ ତାଲିମ ଦାତା ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଭାଗ ନେଇଥିବା ସରକାରୀ ଅଧିକାରୀ ତାଲିମ ଦାତା ମାନେ ସ୍ଥାନୀୟ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ । ମାର୍ଶଘାଇ ବ୍ଲକର କୁହୁଡି ପଂଚାୟତ ଓ ଡେରାବିଶ ବ୍ଲକର ନରସିଂହପୁର ପଂଚାୟତ ପରିଦର୍ଶନ କରି ସେମାନେ ସ୍ଥାନୀୟ ପଂଚାୟତ ପ୍ରତିନିଧି, ମିଶନ ଶକ୍ତିର ମା', ଯୁବକ ଏବଂ ଚାଷୀ ମାନଙ୍କୁ ଭେଟି ପ୍ରମୁଖ ଲିଙ୍ଗଗତ ସମାନତା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଲିଭିଙ୍ଗ ନୋ ୱାନ୍ ବିହାଇଣ୍ଡ ଆଦି ବିଷୟରେ ପଚାରି ବୁଝିଥିଲେ ।

# ବଲାଙ୍ଗିର ଦିନ ପାଇଁ ୨୯ରୁ ବିଭିନ୍ନ ପ୍ରତିଯୋଗିତା, ୧ରେ ର୍ୟାଲି, ସାଂସ୍କୃତିକ କାର୍ଯ୍ୟକ୍ରମ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଅମଳା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଦିନ୍ ଅୟୋଜକ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ ସୂଚନା ଦେଇ ସେ କହିଛନ୍ତି ଯେ, ବଲାଙ୍ଗିର୍ର ଦିନ୍ ପାଳନ ଉପଲକ୍ଷେ ଆସନ୍ତା ୨୯ ତାରିଖରୁ ବିଭିନ୍ନ ପ୍ରତିଯୋଗିତା କରାଯାଉଥିବା ବେଳେ ୧ ତାରିଖ ସକାଳୁ କଳାମଣ୍ଡଳଠାରୁ ଏକ ଭବ୍ୟ ର୍ୟାଲି ବାହାରି ସହର ପରିକ୍ରମା କରିବ । ସଂଧ୍ୟାରେ ବିଭିନ୍ନ ଜନ ପ୍ରତିନିଧିଙ୍କ ସହ ବଲାଙ୍ଗିର ଦଶା ଓ ଦିଶାକୁ ନେଇ ଏକ ସଭା କରାଯିବା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । କାର୍ଯ୍ୟକ୍ରମର ସବିଶେଷ ବିବରଣୀ ଦେଇ ସେ ଆହୁରି କହିଛନ୍ତି ଯେ, ୨୯ ତାରିଖ ଦିନ ସ୍ଥାନୀୟ ଟାଉନ ହଲ ଠାରେ ସକାଳୁ ୧୦ଟାରୁ ନୃତ୍ୟ ପ୍ରତିଯୋଗିତା, ୨ଟାରୁ କୋସଲି ପିଣ୍ଡେନ ଉଡେନ ପ୍ରତିଯୋଗିତା, ୩ଟାରୁ ସ୍ଥାନୀୟ କଲେଜ ଛକ ସ୍ଥିତ କଲ୍ୟାଣ ମଣ୍ଡପରେ ରଙ୍ଗୋଲି ପ୍ରତିଯୋଗିତା, ୪ଟାରେ ହୁଲାହୁଲି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପରବର୍ତ୍ତି ଦିନ ୩୦ ତାରିଖ ସଂଧ୍ୟା ୫ଟାରୁ ଟାଉନ ବାଳିକା ବିଦ୍ୟାଳୟ ଠାରେ ଆମର ପିଠା ପଣା ପ୍ରତିଯୋଗିତା ଓ ୩୧ ତାରିଖ ଦିନ ସଇଁତଲା ବ୍ଲକ ଘୁନସର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ କରାଯିବା କାର୍ଯ୍ୟକ୍ରମ ରହିଛି । ସେହିପରି ନଭେମ୍ବର ୧ ତାରିଖ ସଂଧ୍ୟାର ସ୍ଥାନୀୟ କଳାମଣ୍ଡଳ ଠାରେ ହେବାକୁ ଥିବା ବଲାଙ୍ଗିର ଦିନ୍ ସଭାରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ମନ୍ତ୍ରୀ ଟୁକୁନୀ ସାହୁ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ହାଉସିଂ ବୋର୍ଡ ଚେଆରମ୍ୟାନ କଳିକେଶ ସିଂହଦେଓ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଯୋଗଦାନ କରିବା ପାଇଁ ସମ୍ମତି ପ୍ରଦାନ କରିଥିବା ସୂଚନା ଦେଇଥିଲେ । ଏହି ଅବସରରେ ସମସ୍ତ ବଲାଙ୍ଗିରବାସୀ, ସାମଜିକ ଓ ବୈବସାୟିକ ସଂଗଠନ, ଛାତ୍ର, ଯୁବକ, କୃଷକ, ଶ୍ରମିକଙ୍କୁ ଏକ ହୋଇ ବଲାଙ୍ଗିର ଦିନ୍ ପାଳନ କରିବାକୁ ଶ୍ରୀ ପାଣିଗ୍ରାହୀ ଆହ୍ୱାନ କରିଛନ୍ତି । ଏହି ସମ୍ମିଳନୀରେ ସରିତା ଦାଶ, ମୁରଲିଧର ପତି, ଗୋପାଳ ପ୍ରଧାନ, ମନୋରଞ୍ଜନ ସାହୁ, ଲୋଟସ ପାଣିଗ୍ରାହୀ, ଦିନେଶ ଅଗ୍ରୱାଲ, ପ୍ରତାପ ଚନ୍ଦ୍ର ରଥ ଓ ସୁରୁଲାଲ ମଟାରୀ ମଞ୍ଚାସୀନ ଥିବା ବେଳେ ସୋମନାଥ ମିଶ୍ର, ନୂତନ ଦାଶ, ବିନୋଦ କାଲସାଏ ଓ ଅଙ୍କୁଶ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ବଲାଙ୍ଗିର ଦିନ୍ ପାଳନ ବଲାଙ୍ଗିରର ଅସ୍ମିତା, ଏକତା ଓ ଭାଇଚାରାର ବାର୍ତ୍ତାବହନ କରୁଥିବା ବେଳେ ଏଥିରେ କୌଣସି ପ୍ରକାରର ଦ୍ୱନ୍ଦ ଗ୍ରହଣୀୟ ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଟିକାବାଲି ବ୍ଲକ ମନରେଗା ଯୋଜନାର ସମୀକ୍ଷା, ୪୬ କାମରେ ଅନିୟମିତତା ଅଭିଯୋଗ

କନ୍ଧମାଳ,(ପି.ଏନ): ସରକାର ଗ୍ରାମାଞ୍ଚଳର ଜବକାର୍ଡ ଧାରୀମାନଙ୍କୁ ମନରେଗା ଯୋଜନାରେ କାମଧନ୍ଦା ଯୋଗାଇଦେବା ସହ ଠିକ ସମୟରେ ବ୍ୟାଙ୍କ ଖାତା ମାଧ୍ୟମରେ ହିତାଧିକାରୀମାନଙ୍କୁ ପେମେଣ୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଥିରେ ବ୍ୟାପକ ଦୁର୍ନୀତି ଓ ଅନୀୟମିତତା ହୋଇଥିବା ଖବର ଦୃଷ୍ଟିକୁ ଆସିଛି । କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ ୪୬ଟି ମନରେଗା ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ହୋଇଥିବା ସାମାଜିକ ସମୀକ୍ଷାରୁ ଜଣାପଡିଛି । ବିନା ସୂଚନା ଫଳକରେ କାମ ହେବା ଓ ସୂଚନା ଫଳକ ନିର୍ମାଣ ନକରି କରାଯାଇଥିବା ଦର୍ଶାଇ ଟଙ୍କା ଉଠାଣ ହୋଇଥିବା ଜଣାପଡିଛି । ତେବେ ନିର୍ମାଣ ବାବଦ ଅର୍ଥ ଫେରାଇବା ସହ ଜୋରିମାନା ଅର୍ଥ ମିଶାଇ ଆଦାୟ କରାଯିବା ପାଇଁ ସ୍ଥିର ହୋଇଛି । ଟିକାବାଲି ବିଡ଼ିଓ ମନୋଜ କୁମାର ତ୍ରିପାଠୀ ଏଭଳି କାର୍ଯ୍ୟ ପୁର୍ନବାର ଯେପରି ନହୁଏ ସେଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଓ ତାହାର କାର୍ଯ୍ୟକରୀତା ସଂପର୍କରେ ବୁଝାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହି ସାମାଜିକ ସମୀକ୍ଷା ବୈଠକରେ ପିଏଆଇଟିଡିଏ ବାଲିଗୁଡ଼ା ମଧୁସୂଦନ ବେହେରା, ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ଦୁଃଶାସନ ସିଂ, ବ୍ଲକ ଅଧକ୍ଷ ଦିଲ୍ଲିପ କହଁର ଓ ବ୍ଲକର ବିଭିନ୍ନ ଅଧିକାରୀ ମାନେ ଯୋଗଦେଇଥିଲେ ।

# ବଲାଙ୍ଗିର ରାଣୀବନ୍ଧର ଚେହେରା ବଦଳିବ: ଜିଲ୍ଲାପାଳଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ରାଣୀବନ୍ଧ ର ଚେହେରା ବଦଳିବାକୁ ଯାଉଛି ଓ ରାଜା ରାଜୁଡ଼ା ଅମଳରୁ ବଲାଙ୍ଗିରରେ ବନ୍ଧ ପୋଖରି କଟା ଇତ୍ୟାଦି କରି ବଲାଙ୍ଗିର ସହର ମଧ୍ୟରେ ଲୋକଙ୍କ ବ୍ୟବହାର କୁ ଲଗାଯାଇ ଥିଲା । କାଳକ୍ରମେ ଏହି ବନ୍ଧ ଗୁଡିକ ଲୋକଙ୍କ ବ୍ୟବହାର ରେ ଥିଲେ ମଧ୍ୟ ଯତ୍ନର ଅଭାବ ଓ ବନ୍ଧ ହୁଡ଼ା ଓ ପୋଖରି ଜାଗା ଦାଖଲରେ ରହି ବ୍ୟବହାର ଉପଯୋଗରେ ଅସୁବିଧା ଦେଖା ଯାଇଥିଲା ଓ ପୂର୍ବରୁ ସମସ୍ତ ବନ୍ଧ କୁ ସଂଯୋଗ କରି ବର୍ଷା ଦିନରେ ନୂତନ ପାଣି ଭରିବା କାମ କେନାଲ ନାଳ ଗୁଡିକ ବନ୍ଦ କରି ତାଉପରେ ଲୋକେ ଘର କରି ରହିବା ପରେ ଦିର୍ଘ ବର୍ଷ ହେଲା ଆଉ ନୂତନ ଜଳ ପୋଖରୀରେ ପ୍ରବେଶ କରିବା ପାଇଁ ରାସ୍ତା ବନ୍ଦ ହୋଇଯାଇଛି । ଏବେ ପୋଖରି ଗୁଡିକ ଉନ୍ନତିକରଣ ପାଇଁ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ଉଦ୍ୟମ ଆରମ୍ଭ ହୋଇଛି । ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା ଆଜି ସକାଳୁ ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନ ବୁଲି ଉନ୍ନତିମୂଳକ ପଦକ୍ଷେପ ନେଇଛନ୍ତି । ବଲାଙ୍ଗୀର ଜନତା କିଭଳି ସ୍ୱଚ୍ଛରେ ରହିବେ ସେ ନେଇ ଆଜି ରାଣୀ ବନ୍ଧ ପରିଦର୍ଶନ କରି ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦେଇଥିଲେ । ରାଣୀ ବନ୍ଧ ର ଚତୁଃପାର୍ଶ୍ୱ ବୁଲି ବନ୍ଧ ହୁଡା ଚାରିପଟେ ପଡ଼ିଥିବା ଆବର୍ଜନା ଏବଂ ପୋଖରୀକୁ ଜବରଦଖଲ କରିଥିବା ସ୍ଥାନ ତୁରନ୍ତ ଖାଲି କରିବା ପାଇଁ ଆଦେଶଦେଇଥିଲେ ।ବନ୍ଧ ହୁଡାରେ ବସବାସ କରୁଥିବା ଲୋକଙ୍କୁ ସେଠାରୁ ଉଚ୍ଛେଦ କରି ଅନ୍ୟତ୍ର ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ଶ୍ରୀ ରକ୍ଷଣା । ସେଠାରେ ବସବାସ କରୁଥିବା ଲୋକଙ୍କୁ ବୁଝାଇ ଅନ୍ୟତ୍ର ଆଶ୍ରୟ ଦେଇ ଶୃଙ୍ଖଳିତ ଭାବେ ରହିବା ପାଇଁ କହିଥିଲେ ।ପୋଖରୀ ତୁଠ ଅଳିଆ ଆବର୍ଜନା କରୁଥିବା ତଥା ପୋଖରୀ ହୁଡ଼ାରେ ଝାଡା ବସୁଥିବା ବ୍ୟକ୍ତି ଙ୍କ ଫଟୋ ଉଠାଇ ତାଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ଛନ୍ତି ।ପୋଖରୀକୁ ଯିବା ପାଇଁ ଅନେକ ରାସ୍ତା ଥିବା ବେଳେ କେବଳ ଗୋଟିଏ ମୁଖ୍ୟ ରାସ୍ତା ରଖି ସମସ୍ତ ରାସ୍ତା କୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ସକାଳୁ ଜିଲ୍ଲାପାଳ ସହର ର ଅନେକ ସ୍ଥାନ ବୁଲି ଉନ୍ନତିମୂଳକ ପଦକ୍ଷେପ ନେଇଛନ୍ତି । ପରିଦର୍ଶନ ସମୟରେ ବଲାଙ୍ଗୀର ପୌର ପରିଷଦ ନିର୍ବାହୀ ଅଧିକାରୀ,ମୁକ୍ତା ଯୋଜନା ଅଧିକାରୀ ଏବଂ ତୁଡ଼ା ଅଧିକାରୀଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

**ପର୍ଯ୍ୟବେକ୍ଷକ**

PARYABEKHYAK



Bhubaneswar Saturday October 29, 2022 ଭୁବନେଶ୍ୱର ଶନିବାର, ଅକ୍ଟୋବର ୨୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆରମ୍ଭ କଲେ ଏଣ୍ଡିପୋକ ଚାଷ

ଭୁବନେଶ୍ୱର,(ପି.ଏନ): ଆଜି ଭୁବନେଶ୍ୱରର ଚନ୍ଦକାସ୍ଥିତ ରେଶମ ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ ପୌରୋହିତରେ ଓଡିଶାରେ ପ୍ରଥମଥର ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଯ୍ୟ ବିହାର ଅନ୍ତର୍ଗତ ସାଇନ୍ସ ପାର୍କ ପଛ ପାଖରେ ଥିବା ୨୮ନମ୍ବର ୱାର୍ଡ ତଥା ବିଜୁ ଆଦର୍ଶ କଲୋନୀରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଭୁବନେଶ୍ୱରରେ ଏଣ୍ଡିପୋକ ଚାଷ ଆରମ୍ଭ କରିଛନ୍ତି । ଚଳିତମାସ ୯ତାରିଖରେ ତାମିଲନାଡୁ ରାଜ୍ୟର ହୋମୁର ସହରରେ ଅବସ୍ଥିତ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ପରିଚାଳିତ ଏଣ୍ଡିପୋକ ବିହନ ଉତ୍ପାଦନ ସଂସ୍ଥାଠାରୁ ଏଣ୍ଡିପୋକର ଅଣ୍ଡା ଅଣାଯାଇ ଓଡିଶାରେ ୧୦୦ପ୍ରଜାତିର ଏଣ୍ଡିପୋକ ଚାଷ କରିବା ପାଇଁ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପ୍ରୟାସ କରାଯାଉଛି । କୁହାଯାଉଛି ଏଭଳି ପ୍ରୟାସ ରାଜ୍ୟରେ ପ୍ରଥମ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏଣ୍ଡିପୋକ ଅଣ୍ଡାରୁ ଛୁଆଫୁଟିବାଠାରୁ ମାତ୍ର ୨୦ଦିନ ମଧ୍ୟରେ କୋଷା ପ୍ରସ୍ତୁତ ହୋଇଥାଏ । ଏଣ୍ଡିପୋକମାନେ ଜଡା ତଥା ଗୟଆଳୁ ଇତ୍ୟାଦି ପତ୍ରକୁ ଖାଇ ବଂଚନ୍ତି । ଏମାନେ କୋଷା ବାନ୍ଧିବାର ୪-୫ଦିନ ମଧ୍ୟରେ କୋଷାକୁ ଅମଳ କରାଯାଇ ବୟନଶିଳ୍ପ ନିର୍ଦ୍ଦେଶାଳୟ ଅଧିନରେ ଥିବା ଓଡିଶା ଟସର ଓ ରେଶମ ମହାସଂଘକୁ ବିକ୍ରି କରାଯିବ ବୋଲି ରେଶମ ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ କହିଛନ୍ତି । ସେ ଆହୁରିମଧ୍ୟ କହିଛନ୍ତି ଯେ, ଏହି ଏଣ୍ଡିକୋଷାରୁ ଅହିଂସା ଶିଳ୍କ ପ୍ରସ୍ତୁତ କରାଯାଇଥାଏ , ଯାହାର ଚାହିଦା ଭାରତ ତଥା ଭାରତ ବାହାରେ ପ୍ରଚୁରଭାବେ ରହିଛି । ବୟନ ହସ୍ତତନ୍ତ୍ର ଓ ହସ୍ତ ଶିଳ୍ପର ମୁଖ୍ୟ ସଚିବଙ୍କ ଦିଗ୍‌ଦର୍ଶନ କ୍ରମେ ଓଡିଶାରେ ଅହିଂସା ଶିଳ୍ପର ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଅଛି । ଏଣ୍ଡିକୋଷାରୁ ଏଣ୍ଡି ସୂତା ପ୍ରସ୍ତୁତି ସମୟରେ ଏହି ପୋକକୁ ମରା ଯାଉ ନ ଥିବାରୁ ବୌଦ୍ଧ ଧର୍ମାବଲମ୍ବୀ ଦେଶମାନଙ୍କରେ ଏହି ବସ୍ତ୍ରର ଚାହିଦା ଖୁବ୍ ଅଧିକ ରହିଛି । ଏଣ୍ଡିକୋଷାରୁ ଉତ୍ପାଦିତ ହେଉଥିବା ଏଣ୍ଡିସୂତାରୁ ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ରହୁଥିବା ବୁଣାକାରମାନଙ୍କ ଦ୍ୱାରା ଏଣ୍ଡିର ଶାଢୀ ଓ ଚାଦର ଆଦି ଉପଭୌକ୍ତନ ପାଇଁ ବ୍ୟବହୃତ କରାଯିବାକୁ ଦୃଷ୍ଟିରେ ରଖି ଆଗରୁ କାର୍ଯ୍ୟକ୍ରମମାନ ସ୍ଥିରୀକୃତ ହୋଇସାରିଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡିଶା ବୟନଶିଳ୍ପ ନିର୍ଦ୍ଦେଶାଳୟର ରେଶମଶିଳ୍ପର ଅତିରିକ୍ତ ନିର୍ଦ୍ଦେଶକ, ଭୁବନେଶ୍ୱର ମଧ୍ୟର ମାନ୍ୟବର ବିଧାୟକଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଆଗକୁ ଅଧିକ ଚାଷ କରିବା ଏବଂ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଚାଷ ମଧ୍ୟରେ ଯୋଡିବା ସହ ଅନ୍ୟ ରାଜ୍ୟମାନଙ୍କରେ ଏହି ଚାଷ ମାଧ୍ୟମରେ କିଭଳି ଚାଷୀମାନେ ଆତ୍ମନିର୍ଭର ହୋଇପାରିବେ ସେ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ସହ ବିଭିନ୍ନ ସ୍ଥାନରେ ହେଉଥିବା ଏଣ୍ଡିପୋକ ଚାଷ ବୁଲିଦେଖିବା ଓ ଶିଖିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି । ସହକାରୀ ରେଶମଶିଳ୍ପ ନିର୍ଦ୍ଦେଶକ ତଥା ଚନ୍ଦକା ଅଫିସର ବୈଷୟକ ନିରୀକ୍ଷକ ଶ୍ରୀ ଶତ୍ରୁଘ୍ନ ଷଡଙ୍ଗୀ ପ୍ରତ୍ୟେକ ଦିନ ସେମାନଙ୍କ ପୋକପାଳନ କେନ୍ଦ୍ରକୁ ଆସି ସେମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରୁଥିବାରୁ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟା ଶ୍ରୀ ଷଡଙ୍ଗୀଙ୍କୁ ସାଧୁବାଦ ଜଣାଇଛନ୍ତି । ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ପ୍ରଥମେ ଏହି ଲାଭଜନକ ଏଣ୍ଡିପୋକ ଚାଷ ଓଡିଶାରେ ଆରମ୍ଭ କରିଛନ୍ତି ସେମାନେ ହେଲେ- ସଭାପତି, ଗୋଲାପ ବୈରୀ ଏବଂ ସମ୍ପାଦିକା, ରଜନୀଗନ୍ଧା ସାହୁଙ୍କ ସମେତ ଅନ୍ୟ ସଭ୍ୟାମାନେ ଯଥା ଲକ୍ଷ୍ମୀ ପରିଡା, ଗୋଲାପ ପରିଡା,ସରୋଜିନୀ ତସାଇ, ଶାନ୍ତିଲତା ବେହେରା, ବନିତା ସାହୁ, ଲାଲି ସ୍ୱାଇଁ, ବନିତା ଆଚାର୍ଯ୍ୟ, ସୁନିତା ସାହୁ ଏବଂ ରିତା ଦଳେଇ ।

## ସରିଳା ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନ

ପାରାଦୀପ-୨୮।୧୦- ଶୁକ୍ରବାର ଦିନ ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନ ଶୃଂଖଳାର ସହିତ ଶେଷ ହୋଇଛି । ଶୁକ୍ରବାର ଦିନ ସକାଳୁ ପାରାଦୀପ ବନ୍ଦରର ୪ ନମ୍ବର ଗେଟ୍ ଓ ବନ୍ଦର୍ ପ୍ରଶାସନିକ ଭବନର ଷ୍ଟେଟ ବିଭାଗରେ ଭୋଟରମାନେ ମତଦାନ କରିଥିଲେ । ମୋଟ୍ ୩୯୧ ଜଣ ମତଦାତାଙ୍କ ମଧ୍ୟରୁ ୩୮୨ ଜଣ ମତଦାନ କରିଥିଲେ । ସମସ୍ତଙ୍କୁ ଚକିତ କରି ଭାରତୀୟ ବନ୍ଦର ମଜଦୁର ସଂଘ ଏକ ନମ୍ବର ସ୍ଥାନ ଅଧିକାର କରିଛି । ସଂଘ ପକ୍ଷରୁ ଶ୍ରୀକାନ୍ତ ରାୟଙ୍କୁ ଟ୍ରଷ୍ଟି ପ୍ରାର୍ଥୀ ଭାବେ ମନୋନୟନ କରାଯାଇଥିଲା । ସଂଘକୁ ୧୦୭ଟି ଭୋଟ ମିଳିଛି । ସେହିଭଳି ଭାବେ ଦ୍ୱିତୀୟ ସ୍ଥାନରେ ପାରାଦୀପ ଏରସମା ଇଣ୍ଡଷ୍ଟ୍ରିୟାଲ୍ ଓାର୍କସ୍ ୟୁନିୟନକୁ ମିଳିଛି ୭୬ଟି ଭୋଟ୍ । ପ୍ରଥମ ସ୍ଥାନ ଓ ଦ୍ୱିତୀୟ ସ୍ଥାନର ଭୋଟ୍ ବ୍ୟବଧାନ ସମସ୍ତଙ୍କୁ ଚକିତ କରି ଦେଇଛି । ବି.ଆର୍.ଆମ୍ବେଦକର ୟୁନିୟନକୁ ୩୭ଟି,ପାରାଦୀପ ବନ୍ଦର ଶ୍ରମିକ ୟୁନିୟନକୁ ୪୩,ପାରାଦୀପ ପୋର୍ଟ ଡକ୍ ଆଣ୍ଡ କନ୍‌ଷ୍ଟ୍ରକସନ୍ ଓାର୍କସ୍ ୟୁନିୟନକୁ ୩ଟି, ପାରାଦୀପ ପୋର୍ଟ ଶ୍ରମିକ ସଂଘକୁ ୯ଟି,ପାରାଦିପ ପୋର୍ଟ ଓାର୍କସ୍ ୟୁନିୟନକୁ ୫୫ଟି, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ଓାର୍କସ୍ ୟୁନିୟନକୁ ୫୧ଟି ଭୋଟ୍ ମିଳିଥିବା ବେଳେ ଗୋଟିଏ ଭୋଟ୍ ନାକଚ ହୋଇଛି ।

## ୩ମହଲାରୁ ତଳକୁ ଖସିପଡି ହାବିଲଦାର ପତ୍ନୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପୋଲିସ କଲୋନୀରେ ରହୁଥିବା କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ କଳାଘର ଯଦୁପୁର ଗ୍ରାମର ପୋଲିସ ହାବିଲଦାର ସୁଧାଂଶୁ ବିଶ୍ୱାଳଙ୍କ ଧର୍ମପତ୍ନୀ ମମତା ବିଶ୍ୱାଳ(୫୨) ତିନି ମହଲାରୁ ତଳକୁ ଖସିପଡିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି । ସୂଚନା ଅନୁଯାୟୀ ଶୁକ୍ରବାର ସକାଳ ପ୍ରାୟ ସାଢେ ୮ଟା ସମୟରେ ମମତା ବାଲକୋନୀରେ ଥରବା ଚଉଁରାରେ ପାଣି ଦେଉଥିବା ବେଳେ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ୩ମହଲା ଉପରୁ ତଳକୁ ଖସି ପଡିଥରଲେ । ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନିଆଯାଇଥିଲେବି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଟାଉନ ଥାନାରେ ଏନେଇ ୨୫/୨୦୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି ।

# ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଫାଷ୍ଟ ଟ୍ରାକ କୋର୍ଟଙ୍କ ୧୦ବର୍ଷ କାରାଦଣ୍ଡାଦେଶ

କେନ୍ଦ୍ରାପଡ଼ା,(ପି.ଏନ): ଜନୈକ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତଙ୍କୁ କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଆଡହକ ଜିଲ୍ଲାଜଜ ତ୍ରୀବିକ୍ରମ କେଶରୀ ଚିନ୍ନାରା ୧୦ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିବା ସହିତ ୨୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ଜମ୍ଭୁ ସାମୁଦ୍ରିକ ଥାନା ଅନ୍ତର୍ଗତ ରାମନଗର ଗ୍ରାମର କାଳିପଦ ବାଇନଙ୍କ ପୁତ୍ର ନନ୍ଦ ବାଇନ ଦେଇଥିବା ଏତଲା ଅନୁଯାୟୀ ତାଙ୍କ ୨୭ବର୍ଷର ବିବାହିତା ସ୍ୱାମୀ ପରିତ୍ୟକ୍ତା ସାନ ଭଉଣୀ କବାଟ ଦେଇ ଘରେ ଶୋଇଥିବା ବେଳେ ଗତ ୨୦୧୯ମସିହା ନଭେମ୍ବରମାସ ୭ତାରିଖ ଅପରାହ୍ନ ପ୍ରାୟ ୨ଟା ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ପୂର୍ବ ପ୍ରସ୍ତୁତି ଏବଂ ଯୋଜନା ଅନୁଯାୟୀ ସେହି ଗ୍ରାମର ବଙ୍କିମ ମଣ୍ଡଳ କବାଟ ବାଡେଇଥିଲେ । ଏହାବ୍ୟତିତ ତାଙ୍କ ଭଉଣୀର ନାମ ଧରି ଡାକିବା ସହ କବାଟ ଖୋଲିବାକୁ କହିଥିଲେ । ତାଙ୍କ ଭଉଣୀ କବାଟ ଖୋଲିଦେବାରେ ବଙ୍କିମ କବାଟକୁ ପେଲିଦେଇ ତାଙ୍କ ଭଉଣୀ ମୁହଁରେ ଗାମୁଛା ବାନ୍ଧି ଦେଇ ତାକୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା । ଏସମ୍ପର୍କରେ ଅଭିଯୋଗକାରୀ ସ୍ଥାନୀୟ ଭଦ୍ରଲୋକଙ୍କ ପରାମର୍ଶ କ୍ରମେ ଜମ୍ଭୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେହି ଅଭିଯୋଗକୁ ଭିତ୍ତିକରି ଜମ୍ଭୁ ସାମୁଦ୍ରିକ ଥାନା ପୋଲିସ କେଶ ନମ୍ବର ୧୨୧/୨୦୧୯ରେ ଏକ ଧର୍ଷଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ସେହି ମାମଲାର ଶୁଣାଣୀ ଆରମ୍ଭ ହୋଇଥିଲା । କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଆଡହକ ଜିଲ୍ଲାଜଜ ଶ୍ରୀ ଚିନ୍ନାରା ଜି.ଆର. କେଶ ନମ୍ବର ୧୮୨୦/୨୦୧୯ ଓ ଏସ.ଟି. କେଶ ନମ୍ବର ୫୧/୨୦୨୦ରେ ସେହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ରାମନଗର ଗ୍ରାମର ସ୍ୱର୍ଗତ ଜାନକି ମଣ୍ଡଳଙ୍କ ପୁଅ ବଙ୍କିମ ମଣ୍ଡଳ(୫୫)କୁ ଆଇ.ପି.ସି.ର ୩୭୬(୧) ଓ ୪୫୦ ଦଫାରେ ଶୁକ୍ରବାର ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨୦ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା ମକଦ୍ଦମା ପରିଚାଳନା କରୁଥିଲେ ।

# ଧାନକ୍ଷେତରେ ହସିଲାଣି ସୁନାର ଫସଲ : ଚାଷୀ ମନ ଉଲ୍ଲସିତ

ସାଲେପୁର, (ପି.ଏନ): ଚଳିତ ବର୍ଷ ଖରିଫ ଧାନ ଚାଷକୁ ନେଇ ଚାଷୀକୁଳ ବେଶ୍ ଉତ୍ଫୁଲ୍ଲିତ ହୋଇଉଠିଛି । ଅକ୍ଟୋବର ମାସ ଶେଷ ନହେଉଣୁ କ୍ଷେତରେ ହସିଲାଣି ଧାନର ସୁନା ଫସଲ । ପ୍ରକୃତି ମାଆର ସୁଦୟା ଯଦି ଏକ ମାସ ପର୍ଯ୍ୟନ୍ତ ଏହି କ୍ଷେତ ଉପରେ ରହିବ ତାହା ହେଲେ ଚାଷୀକୁଳ ଯଥେଷ୍ଟ ପରିମାଣରେ ଏଥର ଧାନ ଫସଲ ଅମଳ କରିବାକୁ ବେଶ୍ ଆଶାବାଦୀ ହୋଇଛି । ପବିତ୍ର ଗର୍ଭଣା ସଂକ୍ରାନ୍ତୀରେ ଚାଷୀ ଘରେ ମା’ ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରି ଧାନ ଫସଲର ସୁରକ୍ଷା ପାଇଁ ଗୁହାରୀ ଜଣାଇ କ୍ଷେତକୁ ପୂଜା କାଠି ନେଇ ମାରିବାକୁ ଯିବା ପରେ ଏ ବର୍ଷର ଧାନ ଫସଲକୁ ଦେଖି ବହୁତ ଖୁସୀ ହୋଇଥିବା ପ୍ରକାଶ କରିଛନ୍ତି ।ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଚଳିତ ବର୍ଷ ମୋଟ ୧୩ ହଜାର ୭୫୩ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଥିବା ବେଳେ ଢିପ ଓ ଖାଲୁଆ ଜମିରେ ଭଲ ଧରଣର ଫସଲ ହୋଇଛି । ଜଳସେଚନ ବିଭାଗ ପକ୍ଷରୁ କେନାଲକୁ ସଫେଇ କରି ପାଣି ଛାଡିବାର କିଛି ବିଳମ୍ବ ହୋଇଥିବାରୁ ଚାଷୀମାନେ ଧାନ ରୁଆପୋତା ପାଇଁ ହଇରାଣ ହରକତ ହୋଇଥିଲେ । ବହୁ ଡେରିରେ ଧାନ ଚାଷ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ପ୍ରଥମେ ପ୍ରବଳ ଖରା ଯୋଗୁ କ୍ଷେତରେ ଜଳସେଚନ ଠିକ୍ ଭାବେ ହୋଇ ନପାରି ଅମଳରେ ବାଧା ଉପୁଜିବାର ଆଶଙ୍କା ଦେଖାଯାଇଥିବାରୁ ଚାଷୀକୂଳ ମଧ୍ୟରେ ହତାଶର ଭାବ ସୃଷ୍ଟି ହୋଇ ଚିନ୍ତାରେ ପଡିଥିଲେ । ଅଗଷ୍ଟ ମାସ ଠାରୁ ଅକ୍ଟୋବର ମାସ ମଧ୍ୟରେ ଗତ ତିନିମାସ ଧରି ସଂଗଠିତ ହୋଇଥିବା ତିନୋଟି ଲଘୁଚାପ ଯୋଗୁ ଲଗାଣ ବର୍ଷା ଧାନ ଫସଲକୁ ହୃଷ୍ଟପୁଷ୍ଟ କରିବାରେ ବହୁ ସହାୟକ ହୋଇଥିଲା । ଏବେ କ୍ଷେତରେ ଧାନଗଛ ଗୁଡିକରେ ଥୋଡ ବାହାରିବା ଦେଖି ଚାଷୀମାନେ ଭଲ ଅମଳ ହେବ ବୋଲି ପ୍ରକାଶ କରିଥିଲେ ।ଅପରପକ୍ଷରେ ଅକ୍ଟୋବର ମାସରେ ସିତ୍ରାଙ୍ଗ ନାମକ ବାତ୍ୟା ଆମ ରାଜ୍ୟର ଉପକୂଳ ଦେଇ ଅତିକ୍ରମ କରିବ ବୋଲି ପ୍ରଚାରିତ ହେବା ପରେ ଏହାଦ୍ୱାରା ଧାନ ଫସଲ କ୍ଷୟକ୍ଷତି ହେବାର ଆଶଙ୍କା ନେଇ ଚାଷୀମାନେ ଭୟଭୀତ ହୋଇ ରହିଥିଲେ । ଏହି ବାତ୍ୟା ନହେବାରୁ ଚାଷୀଏବେ ଖୁସିବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ପାଗର ଅନୁକୂଳ ପରିସ୍ଥିତି ଓ ପରିବେଶ ପାଇଁ ଭଲ ଧାନ ଫସଲ ହୋଇଛି ଏବଂ ଅମଳ ମଧ୍ୟ ଭଲ ହେବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । ଠିକ୍ ସମୟରେ ଏବଂ ସଠିକ୍ ପରିମାଣରେ ଲଗାଣ ବର୍ଷା ହେବା ଫଳରେ ଧାନ ଫସଲକୁ କୌଣସି ରୋଗପୋକ ପ୍ରଭାବିତ କରିପାରିନଥିବା କୃଷି ଅଧିକାରୀ ପ୍ରକାଶ କରିଛନ୍ତି । ଆଉ ମାତ୍ର ଏକ ମାସ ମଧ୍ୟରେ ଧାନ ପାଚି ଯିବା ପରେ ଚାଷୀମାନେ ଏହାକୁ ଅମଳ କରିବେ ।

# ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସଭାଗୃହ ଠାରେ ବିଜେଡି ବ୍ଲକ ସଭାପତି ଟୁନା ଦାସଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଜନ ସମ୍ପକ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରୁ ଏକ ବିଶାଳ ଶୋଭାଯାତ୍ରା କରି ବାଲିଗୁଡ଼ା କଲେଜ ଛକ ନିକଟରେ ଥିବା ସଭାଗୃହ ପର୍ଯ୍ୟନ୍ତ ଟୁନା ଦାସଙ୍କ ନେତୃତ୍ୱରେ ପଦ ଯାତ୍ରା ହୋଇଥିଲା ।ଯାତ୍ରାରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲିକ, ବାଲିଗୁଡା ଏନଏସି ଅଧକ୍ଷା ଗୋବିନ୍ଦ ପ୍ରଧାନ, ଉପାଧକ୍ଷା ଶାନ୍ତି ନାୟକ, ବାଲିଗୁଡା ପୂର୍ବତନ ବିଧାୟକ ରାଜିବ ପାତ୍ର, ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ କୁମାର ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଓ ମହିଳା ଉପସ୍ଥିତ ଥିଲେ ।

# ପାରାଦୀପ ବନ୍ଦରରେ କାର୍ଯ୍ୟକ୍ଷମ ହେବ ମୋବାଇଲ୍ ଏକ୍ସରେ ସ୍କାନର

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରରେ କଂଟେନର କାର୍ଗୋ ନିମନ୍ତେ ଏକ ମୋବାଇଲ୍ ଏକ୍ସରେ ସ୍କାନର କାର୍ଯ୍ୟକ୍ଷମ ହେବ । ୨୯.୬୮ କୋଟି ଟଙ୍କା ଏବାବଦରେ ବ୍ୟୟ କରାଯାଇଛି । ପାରାଦୀପ ଇଂଟରନ୍ୟାସନାଲ କାର୍ଗୋ ଲିମିଟେଡ୍(ପିଆଇସିଟି) ବର୍ଥ ପରିସରେ ଏହି ସ୍କାନର କାର୍ଯ୍ୟକ୍ଷମ ହେବ । କଂଟେନରରେ ପରିବହନ ହେଉଥିବା ପଣ୍ୟକୁ ସାଧାରଣ ଭାବେ ଯାଂଚ କରାଯାଉଥିଲା । ଏହି ମୋବାଇଲ୍ ଏକ୍ସରେ ସ୍କାନର କାର୍ଯ୍ୟକ୍ଷମ ହେବା ଦ୍ୱାରା ଯାଂଚ ପ୍ରକ୍ରିୟା ସରଳ ହୋଇପାରିବ । ବିଶେଷ ଭାବେ କଂଟେନରରେ ବିସ୍ଫୋରକ, ଅସ୍ତ୍ରଶସ୍ତ୍ର,ନିଶା ଦ୍ରବ୍ୟର କଂଟେନର ମାଧ୍ୟମରେ ଚୋରା ଚାଲଣକୁ ରୋକାଯାଇପାରିବ । ଏହି ମୋବାଇଲ୍ ଏକ୍ସରେ ସ୍କାନରକୁ ଆଟମିକ୍ ଏନର୍ଜି ରେଗୁଲେଟୋରୀ ବୋର୍ଡ୍ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହାକୁ ପରିଚାଳନା ପାଇଁ ପାରାଦୀପ କଷ୍ଟମ ବିଭାଗକୁ ଅନୁମତି ମିଳିଛି । ଏହି ମୋବାଇଲ୍ ଏକ୍ସରେ ସ୍କାନରର କାର୍ଯ୍ୟକ୍ଷମ ହେବା ନିମନ୍ତେ ଶୁକ୍ରବାର ଦିନ ଏକ ତ୍ରିପାକ୍ଷିକ ଚୁକ୍ତିନାମା ପାରାଦୀପ ବନ୍ଦର ବୋର୍ଡ ରୁମ୍ ରେ ସ୍ୱାକ୍ଷରିତ ହୋଇଥିଲା । ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ,ଉପାଧକ୍ଷ ଏ.କେ.ବୋଷ୍‌ଙ୍କ ଉପସ୍ଥିତିରେ ପାରାଦୀପ କଷ୍ଟମ ବିଭାଗର ଡେପ୍ୟୁଟି କମିଶନର ରତୁଣ କୁମାର ପଣ୍ଡା, ସ୍ମିଥ୍ ଡିଟେକ୍ସନ ପ୍ରା.ଲି. ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଭିକ୍ରାନ୍ତ ତ୍ରିଲୋକେକର ଓ ପାରାଦୀପ ବନ୍ଦର ପକ୍ଷରୁ ଟ୍ରାଫିକ୍ ମ୍ୟାନେଜର ଜି.ଏଡିସନ୍ ଏହି ତ୍ରିପାକ୍ଷିକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ ।

## ସରିଳା ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନ

ପାରାଦୀପ,(ପି.ଏନ): ଶୁକ୍ରବାର ଦିନ ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନ ଶୃଂଖଳାର ସହିତ ଶେଷ ହୋଇଛି । ଶୁକ୍ରବାର ଦିନ ସକାଳୁ ପାରାଦୀପ ବନ୍ଦରର ୪ ନମ୍ବର ଗେଟ୍ ଓ ବନ୍ଦର୍ ପ୍ରଶାସନିକ ଭବନର ଷ୍ଟେଟ ବିଭାଗରେ ଭୋଟରମାନେ ମତଦାନ କରିଥିଲେ । ମୋଟ୍ ୩୯୧ ଜଣ ମତଦାତାଙ୍କ ମଧ୍ୟରୁ ୩୮୨ ଜଣ ମତଦାନ କରିଥିଲେ । ସମସ୍ତଙ୍କୁ ଚକିତ କରି ଭାରତୀୟ ବନ୍ଦର ମଜଦୁର ସଂଘ ଏକ ନମ୍ବର ସ୍ଥାନ ଅଧିକାର କରିଛି । ସଂଘ ପକ୍ଷରୁ ଶ୍ରୀକାନ୍ତ ରାୟଙ୍କୁ ଟ୍ରଷ୍ଟି ପ୍ରାର୍ଥୀ ଭାବେ ମନୋନୟନ କରାଯାଇଥିଲା । ସଂଘକୁ ୧୦୭ଟି ଭୋଟ ମିଳିଛି । ସେହିଭଳି ଭାବେ ଦ୍ୱିତୀୟ ସ୍ଥାନରେ ପାରାଦୀପ ଏରସମା ଇଣ୍ଡଷ୍ଟ୍ରିୟାଲ୍ ଓାର୍କସ୍ ୟୁନିୟନକୁ ମିଳିଛି ୭୬ଟି ଭୋଟ୍ । ପ୍ରଥମ ସ୍ଥାନ ଓ ଦ୍ୱିତୀୟ ସ୍ଥାନର ଭୋଟ୍ ବ୍ୟବଧାନ ସମସ୍ତଙ୍କୁ ଚକିତ କରି ଦେଇଛି । ବି.ଆର୍.ଆମ୍ବେଦକର ୟୁନିୟନକୁ ୩୭ଟି,ପାରାଦୀପ ବନ୍ଦର ଶ୍ରମିକ ୟୁନିୟନକୁ ୪୩,ପାରାଦୀପ ପୋର୍ଟ ଡକ୍ ଆଣ୍ଡ କନ୍‌ଷ୍ଟ୍ରକସନ୍ ଓାର୍କସ୍ ୟୁନିୟନକୁ ୩ଟି, ପାରାଦୀପ ପୋର୍ଟ ଶ୍ରମିକ ସଂଘକୁ ୯ଟି,ପାରାଦିପ ପୋର୍ଟ ଓାର୍କସ୍ ୟୁନିୟନକୁ ୫୫ଟି, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ଓାର୍କସ୍ ୟୁନିୟନକୁ ୫୧ଟି ଭୋଟ୍ ମିଳିଥିବା ବେଳେ ଗୋଟିଏ ଭୋଟ୍ ନାକଚ ହୋଇଛି ।

# ମା ଶ୍ୟାମାକାଳୀ ଡେଭଲପ୍‌ମେନ୍‌ଟ୍ ସୋସାଇଟି ପକ୍ଷରୁ କାଳୀପୂଜା ଅନୁଷ୍ଠିତ





ଭୁବନେଶ୍ୱର,(ପି.ଏନ): ଆଜି ଭୁବନେଶ୍ୱରର ଆଇ.ଆର.ସି ଭିଲେଜସ୍ଥିତ ଏକାମ୍ରକାନନ ପାର୍କ ନିକଟସ୍ଥ ମା’ ଶ୍ୟାମାକାଳୀଙ୍କ ମନ୍ଦିରରେ କାଳୀପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ୨୪ତାରିଖ ଦିନ ଦିବା ୯ଘଟିକା ସମୟରେ ପ୍ରଥମେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଦିନ ୧୧ଟାରେ ସୂର୍ଯ୍ୟପୂଜା ଓ ଗୋ ପୂଜା ସହ ସନ୍ଧ୍ୟା ୭ଟା ୩୭ମିନିଟ୍ ସମୟରେ ଶାଳାପୂଜା, ଯୋଗିନୀପୂଜା, ଅଗ୍ନିସ୍ଥାନ,ଦେବୀ ଷୋଡଶ ଉପଚାର ପୂଜା, ଚଣ୍ଡି ଆହୁତି,ବଳିଦା, ଦଶମହାବିଦ୍ୟା ସହ ଅନ୍ୟାନ୍ୟ ଦେବାଦେବୀ ଆହୁତି ଇତ୍ୟାଦି କରାଯାଇ ରାତ୍ର ୪ଟାରେ ପୂର୍ଣ୍ଣାହୁତି, ଆରତୀ ଓ ପୁଷ୍ପାଳୀ କରାଯାଇ ପୂଜା ସମାପନ କରାଯାଇଥିଲା । ଆଜି ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଦିବ୍ୟଲୋଚନ ନାୟକ, ସଭାପତି ଦେବବ୍ରତ କର, ଉପସଭାପତି ଦିପକ କୁମାର ପଟ୍ଟନାୟକ, ସମ୍ପାଦକ ତଥା ଜନ ସମ୍ପର୍କ ଅଧିକାରୀ ଅଜୟ ମହାନ୍ତ, ଆଇନ୍ ଉପଦେଷ୍ଟା ଦେବାଶିଷ ପଟ୍ଟନାୟକ, ଶଙ୍କର ରାଉତ, ରତ୍ନାକର ବେହେରାଙ୍କ ସମେତ ସିଲୁବାବୁ ପ୍ରମୁଖ ଉପସ୍ଥିତ ରହି ପୂଜାକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

# ପୌରପାଳିକା ଉନ୍ନୟନ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ

ଝାରସୁଗୁଡ଼ା,(ପି.ଏନ): ଜିଲ୍ଲାର ତିନିଟି ପୌରପାଳିକାରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସଭା କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ , ତିନି ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପକ୍କା ରାସ୍ତା,ଡ୍ରେନ,ଷ୍ଟ୍ରୀଟ ଲାଇଟ,ପାଇଖାନା, ପାନୀୟ ଜଳ, ଆବାସ ଗୃହ, ପରିଚୟ ଗୃହ , ପିଲାଙ୍କ ଖେଳପୋକରଣ ଓ ଖାଲି ଥିବା ସ୍ଥାନଗୁଡିକର ବିକାଶ ଆଦି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପନ୍ନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray